## ସଂକ୍ଷେପରେ

### ଜିଏମ୍‌ୟୁରେ ଫଟୋ ପ୍ରଦର୍ଶନୀ

**ସମ୍ବଲପୁର,୧।୧୧(ବ୍ୟୁରୋ):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଭୂମିକା ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଏନ୍ ନାଗାରାଜୁ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ ଓ ସହକାରୀ ପ୍ରଫେସର ପି. ପ୍ରଧାନ ବକ୍ତବ୍ୟ ରଖିଥିଲେ। ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଲ ବେସରା ଓ ସନ୍ତୋଷ ମଲ୍ଲିକ ସହଯୋଗ କରିଥିବା ବେଳେ ଡ. ମୀନକେତନ ବାଗ ଧନ୍ୟବାଦ ଦେଇଥିଲେ।

### ଗାଡ଼ିମୋଟର ଯାଞ୍ଚ, ଜରିମାନା ଆଦାୟ

**ଜମନକିରା,୧।୧୧(ଡି.ଏନ.ଏ.):** ଜମନକିରା ଥାନା ନିକଟ ୫୩ନଂ. ଜାତୀୟ ରାଜପଥରେ ମଙ୍ଗଳବାର ସଡକ ପରିବହନ ବିଭାଗ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇ ୧ଲକ୍ଷ ୫୨ ହଜାର ୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିନା ହେଲ୍‌ମେଟରେ ବାଇକ୍ ଚଳାଉଥିବା ୧୦ ଜଣ, ସିଟବେଲ୍ଟ ନ ଲଗାଇ କାର୍ ଚଳାଉଥିବା ୭ ଜଣ, ନିଶା ସେବନ କରି ଗାଡ଼ି ଚଳାଉଥିବା ଜଣେ ଓ ନିୟମ ଉଲ୍ଲଂଘନ କରି ଗାଡ଼ି ଚଳାଉଥିବା ୨ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଜମନକିରା ପୋଲିସ ସହାୟତାରେ ସମ୍ବଲପୁର ଜିଲା ସଡ଼କ ଓ ପରିବହନ ବିଭାଗ ଅଧିକାରୀ ଏଥିରେ ସାମିଲ ହୋଇଥିଲେ।

### ଭିଜିଲାନ୍ସ ସପ୍ତାହରେ ଶପଥପାଠ

**କୁଚିଣ୍ଡା,୧।୧୧(ଡି.ଏନ.ଏ.):** ବାମରା ବ୍ଲକ ଜରାବଗା ଆୱାର୍ଡ ଆନୁକୂଲ୍ୟରେ ମଙ୍ଗଳବାର ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ଆୱାର୍ଡ କାର୍ଯ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମରେ କର୍ମଚାରୀ ଓ ଗଡ଼ପାଟି ଲଙ୍କା ଉତ୍ପାଦନ କମ୍ପାନୀର ବିଓଡ଼ିମାନେ ଯୋଗ ଦେଇ ସ୍ୱଚ୍ଛତା ଅବଲମ୍ବନ ପାଇଁ ଶପଥ ଗ୍ରହଣ କରିଥିଲେ। ଆୱାର୍ଡ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ମଲ୍ଲିକ, ଗଡ଼ପାଟି କମ୍ପାନୀ ସିଇଓ ଦେବେନ୍ଦ୍ର ପଟ୍ଟା, ସଭ୍ୟା ସୁକୃତା ପଟେଲ, ଧନୁର୍ଜ୍ୟ ମାଝି, ଫଗନା କିଷାନ ଉପସ୍ଥିତ ଥିଲେ। ଧନେଶ୍ୱରୀ ଅଦାବର ଧନ୍ୟବାଦ ଦେଇଥିଲେ।

### ରେଳମଣ୍ଡଳରେ ସତର୍କତା ସଚେତନତା ୱାକାଥନ

ସମ୍ବଲପୁର,୧।୧୧(ବ୍ୟୁରୋ)- ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ମଙ୍ଗଳବାର ସତର୍କତା ସଚେତନତା ସପ୍ତାହ-୨୦୨୨ ପାଳିତ ହୋଇଛି। ସମ୍ବଲପୁର ରେଳ ମଣ୍ଡଳ ଦୁର୍ନୀତି ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ୱାକାଥନ ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଖଣ୍ଡତାର ବାର୍ତ୍ତା ବିସ୍ତାର ଓ ପ୍ରତ୍ୟେକ କୋଣରୁ ଦୁର୍ନୀତି ଦୂର କରିବା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ନେତୃତ୍ୱରେ ରେଳ ଷ୍ଟାଡିୟମରୁ ରେଳ ନଗର ଫାଟକ ପର୍ଯ୍ୟନ୍ତ ୱାକାଥନ ଆୟୋଜନ କରାଯାଇଥିଲା। ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥିରେ ଭାଗ ନେଇଥିଲେ। ସଚେତନତା ସପ୍ତାହ ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ଜାରି ରହିବ।

# ମେଡ଼ିକାଲ କଲେଜ ପାଇଁ ସ୍ଥାନ ନିରୂପଣ

ଝାରସୁଗୁଡ଼ା ଅଫିସ,୧।୧୧

ପଶ୍ଚିମ ଓଡିଶାର ଝାରସୁଗୁଡାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବେସରକାରୀ ଅନୁଷ୍ଠାନକୁ ରାଜ୍ୟ ସରକାର ଆହ୍ୱାନ କରିଛନ୍ତି। ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଆର୍ଟ ଅଫ୍ ଲିଭିଙ୍ଗ୍ ପ୍ରତିଷ୍ଠାନ ଝାରସୁଗୁଡ଼ାରେ ମେଡିକାଲ କଲେଜ ସହିତ ଇଣ୍ଟିଗ୍ରେଟେଡ୍ ୱେଲ୍‌ଶେନ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛି। ଏହି ଅବସରରେ ଆର୍ଟ ଅଫ୍ ଲିଭିଙ୍ଗ୍‌ର ଏକ ୨ଜଣିଆ ଟିମ୍ ମଙ୍ଗଳବାର ଝାରସୁଗୁଡ଼ା ଗସ୍ତରେ ଆସି କଲେଜ ପ୍ରତିଷ୍ଠା ହେବାକୁ ଥିବା ଜମି ପରିଦର୍ଶନ କରିଛନ୍ତି।

କଲେଜ ପ୍ରତିଷ୍ଠା ପାଇଁ ଝାରସୁଗୁଡା ପୌରପରିଷଦ ୧୬ନଂ ୱାର୍ଡ ମାଳୀମୁଣ୍ଡା ଓ ଝାରସୁଗୁଡା ବ୍ଲକ୍ ତାଲମାଲ ପଞ୍ଚାୟତରେ ରାଜସ୍ୱ ବିଭାଗ ତରଫରୁ ଜମି ମ୍ୟାପ୍ ଦେଖି ସ୍ଥାନ ନିରୂପଣ କରାଯାଇଛି। ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଆର୍ଟ ଅଫ୍ ଲିଭିଙ୍ଗ୍ ଟିମ୍ ଓ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା । ଏଥିରେ ଆର୍ଟ ଅଫ୍ ଲିଭିଙ୍ଗ୍‌ର ଦୀପକ ଚୌଧୁରୀ ଓ ମୟଙ୍କ ଖୁଲ୍ଲାର, ଏମ୍‌ପି ସୁରେଶ ପୂଜାରୀ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ତହସିଲଦାର ବସନ୍ତ ହାତୀ, ପୂର୍ବତନ ନଗରପାଳ ତାପସରାୟ ଚୌଧୁରୀ, ବଣିକ ସଂଘ ସଭାପତି ହୀରାଲାଲ୍ ଲୋକଚନ୍ଦାନୀ, ରଘୁମଣି ପଟେଲ, ପବନ ସୁଲତାନିଆ, ପିଣ୍ଟୁ ପାଢୀ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ, ରାଜ୍ୟ ସରକାରଙ୍କ ତରଫରୁ କଲେଜ୍ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ଏକର ଜମି ଯୋଗାଯିବ। ଏ ନେଇ ଆର୍ଟ ଅଫ୍ ଲିଭିଙ୍ଗ୍ କର୍ତ୍ତୃପକ୍ଷ ସରକାରଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଠାରେ ଅତ୍ୟାଧୁନିକ ହାର୍ଟ ହସ୍ପିଟାଲ, କ୍ୟାନସର୍ ହସ୍ପିଟାଲ୍, ଡାଇଗ୍ନୋସିସ୍ ସେଣ୍ଟର ଆଦି ହେବାକୁ ଯାଉଛି। ମେଡିକାଲ୍ କଲେଜ ଓ ଇଣ୍ଟିଗ୍ରେଟେଡ୍ ୱେଲ୍‌ଶେନ କ୍ୟାମ୍ପସ ପ୍ରତିଷ୍ଠା ହେଲେ ଆଗାମୀ ଦିନରେ ପଶ୍ଚିମ ଓଡିଶାରେ ଝାରସୁଗୁଡା ଏକ ମେଡିକାଲ୍ ହବ୍ ହେବ ବୋଲି ସେ କହିଛନ୍ତି। ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଦୂରଦୂରାନ୍ତକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ମେଡିକାଲ୍ କ୍ୟାମ୍ପସ ହେଲେ ଲୋକେ ଗୋଟିଏ ସ୍ଥାନରେ ସମସ୍ତ ସୁବିଧା ପାଇପାରିବେ। କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତି ଲୋକ ସଭା ନିର୍ବାଚନ ମଣ୍ଡଳୀରେ ମେଡିକାଲ୍ କଲେଜ ଖୋଲିବାକୁ ଯାଉଛି। ଆଗାମୀ ଦିନରେ ଏହାର ସୁବିଧା ଏଠାରେ ଉପଲବ୍ଧ ହେବ। ଫଳରେ ଲୋକେ ଅଧିକ ଉପକୃତ ହେବେ ବୋଲି ସେ କହିଛନ୍ତି। ଆର୍ଟ ଅଫ୍ ଲିଭିଙ୍ଗ୍ ଟିମ୍ ସଦସ୍ୟ ଚୌଧୁରୀ କହିଛନ୍ତି, କଲେଜ ପ୍ରତିଷ୍ଠା ହେବା ପାଇଁ ସରକାରୀ ବିଧିବ୍ୟବସ୍ଥା ରହିଛି। ଏସବୁ ଶେଷ ହେବା ପରେ ସରକାରଙ୍କ ସହଯୋଗରେ ଏଠାରେ କଲେଜ ପ୍ରତିଷ୍ଠା ହେବ।


ସ୍ୱାସ୍ଥ୍ୟମନ୍ତ୍ରୀ,ଏମ୍‌ପିଙ୍କ ସହିତ ଆର୍ଟ ଅଫ୍ ଲିଭିଙ୍ଗ୍ କର୍ତ୍ତୃପକ୍ଷ ଜମି ନିରୂପଣ କରୁଛନ୍ତି।

**ଝାରସୁଗୁଡ଼ା ହେବ ମେଡିକାଲ ହବ୍: ସ୍ୱାସ୍ଥ୍ୟମନ୍ତ୍ରୀ**

### ଏସ୍‌ୟୁକୁ ସ୍ୱତନ୍ତ୍ର କ୍ଷମତା ଦାବିକଲା ସଂଘ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସୋମବାର ସାମ୍ବାଦିକ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ପରେ ସଂଘ ପକ୍ଷରୁ ମନ୍ତ୍ରୀ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏସ୍‌ୟୁରେ ଖାଲି ଥିବା କର୍ମଚାରୀ, ପ୍ରଫେସର, ଆସୋସିଏଟ ପ୍ରଫେସର ପଦ ପୂରଣ କରିବା ଓ ପୂର୍ବତନ କୁଳପତି ସଞ୍ଜୀବ ମିତ୍ତଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଡିଟ କରିବା ପାଇଁ ଦାବି କରିଥିଲେ। ପୂର୍ବତନ କୁଳପତି ମିତ୍ତଲ ବିଭିନ୍ନ ଆର୍ଥିକ ଅନିୟମିତତାରେ ଜଡ଼ିତ ଥିଲେ। ଏହାର ପ୍ରମାଣ ମଧ୍ୟ ଏସ୍‌ୟୁ ପାଖରେ ରହିଛି। ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାସହ ଏସ୍‌ୟୁକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଉ। କିଭଳି ଅଧିକ ପାଠ୍ୟକ୍ରମ ସାମିଲ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ରଖିଥିଲେ। ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଦିଲୀପ ନନ୍ଦ, ନୀଳକଣ୍ଠ ମହାପାତ୍ର, ଭବାନୀ ପ୍ରସାଦ ସିଂ, ଶେଷଦେବ ଦୀପ, ମହେନ୍ଦ୍ର ମିଶ୍ର, ସନ୍ତୋଷ କାନୁନ୍‌ଗୋ, ତ୍ରିବିକ୍ରମ ମିଶ୍ର, ସନ୍ତୋଷ ମିଶ୍ର, ସରୋଜ ପ୍ରଧାନ, ତ୍ରିବିକ୍ରମ ସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲ ଛକ-ଧନୁପାଲି ରାସ୍ତା ପାଇଁ ଜମି ଅଧିଗ୍ରହଣ ଆରମ୍ଭ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ରାସ୍ତାଘାଟ ପ୍ରଶସ୍ତୀକରଣ କରାଯାଉଛି। ଏହି କ୍ରମରେ ଜେଲ ଛକଠାରୁ ଧନୁପାଲି ଛକ ପର୍ଯ୍ୟନ୍ତ ୱାନ୍-ୱେ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ମଙ୍ଗଳବାର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀ ଉପସ୍ଥିତ ରହି ରାସ୍ତାର ଉଭୟ ପାର୍ଶ୍ୱ ମାପ କରିଥିଲେ। କେତେକ ଅସ୍ଥାୟୀ ଦୋକାନ ଓ ଘର, ସରକାରୀ ଅଫିସ, ଘରୋଇ ଜମି ଓ ଦୋକାନ ଉଚ୍ଛେଦ କରାଯିବ। ଏହାକୁ ନେଇ ଏକ ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଜମି ଅଧିଗ୍ରହଣ ପରେ କାର୍ଯ୍ୟ ଆରମ୍ଭ କରାଯିବ। ସୂଚନାଯୋଗ୍ୟ, ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତ ସମୟରେ ଜିଲାସ୍କୁଲ ଛକରୁ ନକ୍ସାପାଲି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଘୋଷଣା କରିଥିଲେ। ବିଭିନ୍ନ ସମସ୍ୟା ଯୋଗୁ ଏ ଦିଗରେ ପଦକ୍ଷେପ ନିଆଯାଇପାରୁ ନ ଥିଲା। ହେଲେ ଗତ ମାସରେ ପୂର୍ତ୍ତ ବିଭାଗ ପକ୍ଷରୁ ଜେଲ ଛକଠାରୁ ଧନୁପାଲି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିଲାଗି ପ୍ରାୟ ୮କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଉଭୟ ପାର୍ଶ୍ୱରେ ୨୩ଫୁଟ୍ ଲେଖାଏ ମୋଟ ୬୪ ଫୁଟ୍ ରାସ୍ତା ନିର୍ମାଣ କରାଯିବ। ମଝିରେ ଏକ ଡିଭାଇଡର ନିର୍ମାଣ କରାଯାଇ ଫୁଲଗଛ ଓ ଲାଇଟ୍ ଲଗାଇ ସୌନ୍ଦର୍ଯ୍ୟକରଣ କରାଯିବ।


ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟରେ କର୍ମଚାରୀ ।

# ସରକାରୀ ଅଫିସ ଆଗରେ ପିକେଟିଂ ହେବ

ସମ୍ବଲପୁର,୧।୧୧(ବ୍ୟୁରୋ)

**ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପ୍ରସଙ୍ଗ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ମିଳିତ ନିଷ୍ପତ୍ତି ଅନୁସାରେ ବୁଧବାର ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ଆଗରେ ପିକେଟିଂ କରି ଓକିଲମାନେ ବନ୍ଦ କରିବେ। ଏଥିପାଇଁ ବ୍ଲକ ଓ ସବ୍‌ଡିଭିଜନ ସ୍ତରରେ ଟିମ୍ ଗଠନ ପାଇଁ ସଂଘ ଦାୟିତ୍ୱ ପ୍ରଦାନ କରିଛି। ରାଜ୍ୟ ସରକାରଙ୍କ ବିରୋଧରେ ଏହି ଆନ୍ଦୋଳନ କରାଯିବ। ପ୍ରତିମାସ ବୁଧବାର ଏହି ଆନ୍ଦୋଳନ ଜାରି ରହିବ ବୋଲି ଜିଲା ଓକିଲ ସଂଘ ସମ୍ପାଦକ ସରୋଜ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଉ ନାହାନ୍ତି। ଅବହେଳାକୁ ନେଇ ଭୁବନେଶ୍ୱରରେ କିଛିଦିନ ତଳେ ଆନ୍ଦୋଳନ ହୋଇଥିଲା। ସେ ସମୟରେ ରାଜ୍ୟ ସରକାରଙ୍କ ୩ଜଣ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ହେଲେ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଏହାକୁ ନେଇ ପଶ୍ଚିମ ଓଡ଼ିଶାରେ ଅସନ୍ତୋଷ ଦେଖାଦେଇଛି।

### ପରିଚାଳନାରେ ସମସାମୟିକ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୧।୧୧(ବ୍ୟୁରୋ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ପରିଚାଳନାରେ ସମସାମୟିକ ପ୍ରସଙ୍ଗ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସୀକତା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବାହାରିନ ବିଶ୍ୱବିଦ୍ୟାଳୟର ଡ. ଶଶୀକାନ୍ତ ତ୍ରିପାଠୀ ଭର୍ଚୁଆଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଜ୍ଞାନର ଆବଶ୍ୟକତା ଉପରେ ବୁଝାଇଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ବିଶ୍ୱମୋହନ ଜେନା ପ୍ରାରମ୍ଭିକ ସୂଚନା ଓ ଅଳକା ଲୁଗୁନ ଧନ୍ୟବାଦ ଦେଇଥିଲେ।

# ନିୟମିତ ବିମାନ ଚଳାଚଳ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଝାରସୁଗୁଡ଼ା ଅଫିସ,୧।୧୧

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରରୁ ୧ବର୍ଷ ହେଲା ନିୟମିତ ବିମାନ ଚଳାଚଳ କରୁ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଶାର ଏକ ପ୍ରତିନିଧି ଦଳ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଭିଏସ୍‌ଏସ୍ ବିମାନସେବା ଉପରେ ପଶ୍ଚିମ ଓଡିଶା, ପଡୋଶୀ ଛତିଶଗଡ ଓ ଝାଡଖଣ୍ଡ ଆଦି ରାଜ୍ୟର ଲୋକେ ନିର୍ଭର କରିଥାନ୍ତି। ଏହି ବିମାନ ବନ୍ଦରରୁ ଦେଶର ପ୍ରମୁଖ ସହର ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀକୁ ବିମାନ ଚଳାଚଳ କରୁଥିବାବେଳେ ଏବେ ସ୍ପାଇସ୍‌ଜେଟ୍ ବିମାନସେବାରେ ଅନିୟମିତତା ଦେଖାଦେଇଛି। ଏହାକୁ ପୁନଃ ନିୟମିତ ଚଳାଚଳ କରାଯାଉ। ଏହାସହିତ ଭିଏସ୍‌ଏସ୍ ବିମାନ ବନ୍ଦରରୁ ରାଞ୍ଚି ଓ ଜୟପୁରକୁ ମଧ୍ୟ ବିମାନ ଉଡାନ କରାଯାଉ। ଉଡାନ ସ୍କିମ୍‌କୁ ୩ବର୍ଷ ବୃଦ୍ଧି କରିବାପାଇଁ ମଧ୍ୟ ଅନୁରୋଧ କରାଯାଇଛି ।


କେନ୍ଦ୍ରମନ୍ତ୍ରୀଙ୍କୁ ଜନପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ସଙ୍ଗୀତଜ୍ଞ, କ୍ରୀଡ଼ାବିତ୍ ଅରୁଣ ସେଠ୍‌ଙ୍କ ବିୟୋଗ

ସମ୍ବଲପୁର,୧।୧୧(ବ୍ୟୁରୋ)



ମୃତ୍ୟୁ କେବେ ଓ କେମିତି ଆସେ କାହାକୁ ଜଣା ନ ଥାଏ। ବୁଧବାର ଜନ୍ମଦିନ ଥିବାବେଳେ ମଙ୍ଗଳବାର ତାଙ୍କର ବିୟୋଗ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ସମ୍ବଲପୁର ଜିଲା କୁଞ୍ଜେଲପଡ଼ାର ବିଶିଷ୍ଟ ସଙ୍ଗୀତଜ୍ଞ ତଥା ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି ଅରୁଣ ପ୍ରଶନ୍ନ ସେଠ(୯୨)ଙ୍କ କ୍ଷେତ୍ରରେ। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିବା ଅରୁଣ ସ୍ତ୍ରୀ, ଚାରିପୁଅ ଓ ଝିଅଙ୍କୁ ଛାଡ଼ି ଚାଲିଯାଇଛନ୍ତି। ସମ୍ବଲପୁର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବର ପାଇ ବହୁ ରାଜନୈତିକ ବ୍ୟକ୍ତିବିଶେଷ, କ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠନ କର୍ମକର୍ତ୍ତା ତାଙ୍କ ଶେଷ ଦର୍ଶନ କରିଛନ୍ତି। ପିଲାଦିନରୁ ଖେଳକୁଦ ଓ ସଙ୍ଗୀତ ପ୍ରତି ତାଙ୍କର ରୁଚି ରହିଥିଲା। ଶିକ୍ଷା ଗ୍ରହଣ ପରେ ଅବକାରୀ ବିଭାଗରେ ଚାକିରି କରିଥିଲେ। ହେଲେ ଚାକିରି ଛାଡ଼ି ବମ୍ବେ ଚାଲିଯାଇ ସେଠାରେ ଏକ ଷ୍ଟୁଡିଓରେ କାମ କରିଥିଲେ। ରବିଶଙ୍କର ଜୟକିଷନ, ନିର୍ଦ୍ଦେଶକ ଶଲିଳ ଚୌଧୁରୀ, ଆର ନୌସାଦଙ୍କ ସହିତ କାମ କରିଥିଲେ। ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସଂଗୀତ ସମାରୋହରେ ସମ୍ବଲପୁରୀ ଗୀତ ଓ ନୃତ୍ୟ ପରିବେଷଣ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମ୍ବଲପୁର ମ୍ୟୁଜିକ ଆସୋସିଏଶନ କରି କଳାକାରଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲେ। ସମ୍ବଲପୁର କଳା ପରିଷଦ, ସମ୍ବଲପୁର ଆକାଶବାଣୀ, ସମ୍ବଲପୁର ଦୂରଦର୍ଶନ, ଓଡ଼ିଶା ସଙ୍ଗୀତ ଏକାଡେମୀ ଭୁବନେଶ୍ୱରର ସଦସ୍ୟ ରହିଥିଲେ। ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା ସଂଗଠନ ପକ୍ଷରୁ ସମ୍ମାନିତ ହୋଇଥିଲେ। ୧୯୮୫ରେ ଓଡ଼ିଶା ସଂଗୀତ ଓ ନାଟକ ଏକାଡେମୀରୁ ସମ୍ମାନିତ ହୋଇଥିଲେ। ଦିଲ୍ଲୀ ଆକାଶବାଣୀ କେନ୍ଦ୍ର ପକ୍ଷରୁ ଶ୍ରେଷ୍ଠ ସଂଗୀତଜ୍ଞ ଭାବେ ପୁରସ୍କୃତ ହୋଇଥିଲେ।

### ସମ୍ବଲପୁର ଗ୍ରୁପ ସେଣ୍ଟର ସିଆର୍‌ପିଏଫ୍ ପକ୍ଷରୁ ଗଣଦୌଡ଼

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ଗ୍ରୁପ ସେଣ୍ଟର ସିଆର୍‌ପିଏଫ୍ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଏକତାର ସ୍ଲୋଗାନ ଦେଇ ଗଣଦୌଡ଼ ହୋଇଥିଲା। ନେଲସନ ମଣ୍ଡେଲା ଛକରୁ ଲକ୍ଷ୍ମୀ ଟକିଜ ଛକ, ଗଙ୍ଗାଧର ମେହେର ଛକ, ମୁଦିପଡ଼ା ଛକ, ଗୋଲବଜାର ଛକ ପରିକ୍ରମା କରିଥିଲା। ଉପମହାନିରୀକ୍ଷକ ଲାଲଚାନ୍ଦ ଯାଦବ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଉପକମାଣ୍ଡାଣ୍ଟ ପର୍ଶୁରାମ କୁଣ୍ଡା, ସୁଶାନ୍ତ ସାହୁ, ଭଗବାନ ସାହୁ, ସୁନୀଲ କଚ୍ଛପ, ରେମ ରେଡ୍ଡୀ, ଏନ୍ ନେହେରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେଶବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ଶପଥପାଠ କରିଥିଲେ।

# ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଦିବସ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ପ୍ରାଣୀଧନ ବିଭାଗ ମୁଖ୍ୟ ଡାକ୍ତରଖାନା ପରିସରରେ ମଙ୍ଗଳବାର ୭୧ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଦିବସ ପାଳିତ ହୋଇଯାଇଛି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅନନ୍ୟା ଦାସ ଯୋଗଦେଇଥିଲେ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋପୂଜନ କରାଯାଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାସ କହିଥିଲେ, ଗୋ ସମ୍ପଦ ସୁରକ୍ଷା ନେଇ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ସରକାରୀ ସ୍ତରରେ ଗୋପାଳନ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହାର ସୁଯୋଗ ନେଇ ଗୋପାଳନ କରି ଆତ୍ମନିର୍ଭର ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ରାଣୀ ସମ୍ପଦ ବିଭାଗରେ ରହିଥିବା ବିଭିନ୍ନ ସମସ୍ୟା ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ଏଥିରେ ୧୫୦ ଦୁଗ୍ଧ ଚାଷୀ ଯୋଗଦେଇଥିଲେ। ଗୋପାଳନ ଉପରେ ଚାଷୀମାନଙ୍କୁ ବିଶେଷଜ୍ଞମାନେ ସଚେତନ କରିଥିଲେ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ଦୀନବନ୍ଧୁ ମିଶ୍ର ଦୁଗ୍ଧ ଚାଷର ବିଭିନ୍ନ ଦିଗ ଉପରେ କୃଷକମାନଙ୍କୁ ବୁଝାଇଥିଲେ। ଏସଡିଭିଓ ଡ଼. ଏମ୍.କେ. ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉତ୍ସବରେ ଜିଲାପାଳ ଅନନ୍ୟା ଦାସ ଗୋପୂଜା କରୁଛନ୍ତି ।

# ଜମି ଜବରଦଖଲକୁ ନେଇ ଉତ୍ତେଜନା

କୁଚିଣ୍ଡା,୧।୧୧(ଡି.ଏନ.ଏ.)

କୁଚିଣ୍ଡା ସହରର ବାଇପାସ୍ ରୋଡ୍ (ହାଇସ୍କୁଲ ପଛପଟ) ଶିଶୁ ଉଦ୍ୟାନ ପାଖରେ ଥିବା ସରକାରୀ ଜମି ଜବରଦଖଲକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଏହି ବିବାଦୀୟ ଜମିରେ ପାଚେରୀ ନିର୍ମାଣ ଅଭିଯୋଗ ପାଇବା ପରେ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିଛି।

ମିଳିଥିବା ସୂଚନା ଅନୁଯାୟୀ କୁଚିଣ୍ଡା ଏନ୍‌ଏସିର ୫ନଂ ୱାର୍ଡ ଶିଶୁ ଉଦ୍ୟାନ ପାଖରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଏକ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ରହିଛି। ଏହା ପାଖକୁ ମୁସଲିମଙ୍କ କବରସ୍ଥାନ ରହିଛି। ସୋମବାର ସକାଳୁ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଏହି ସରକାରୀ ଜମିରେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖାତା ନଂ୪୧୦, ପ୍ଲଟ ନଂ୪୧୨ରେ ଥିବା ୭୨ ଡେସିମିଲ ଜମି ପତିତ କିସମ। ତେଣୁ ୱାର୍ଡବାସୀ ଏଭଳି ବେଆଇନ ଜବରଦଖଲ ଓ ନିର୍ମାଣକୁ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବିବାଦକୁ ଆଖିଆଗରେ ରଖି ପ୍ରଶାସନ ତୁରନ୍ତ ନିମାଣ କାର୍ଯ୍ୟ ବନ୍ଦ କରିଦେଇଥିଲା। ୱାର୍ଡବାସୀ ଏ ନେଇ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗକରି ଉକ୍ତ ଜାଗାକୁ ବିଭିନ୍ନ ସରକାରୀ ଯୋଜନା ପାଇଁ ସଂରକ୍ଷିତ ରଖିବାକୁ ଦାବି କରିଛନ୍ତି। ମୁସଲିମ ସମ୍ପ୍ରଦାୟମାନଙ୍କ କବରସ୍ଥାନ ପାଇଁ ଆଗରୁ ପ୍ରଶାସନ ଅନ୍ୟ ସ୍ଥାନରେ ୩ଏକର ପରିମିତ ଜମି ପ୍ରଦାନ କରିଛି। ହେଲେ ସେମାନେ ପୁଣି ଏହି ଜମି ହାତେଇବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ବିଭୂତିଭୂଷଣ ନାୟକଙ୍କୁ ପଚାରିବାରେ ଏହାର ଯାଞ୍ଚ କରାଯାଇ ଉଚିତ ପଦକ୍ଷେପ ନେବେ ବୋଲି କହିଛନ୍ତି।



ବିବାଦୀୟ ଜମିରେ ପାଚେରି ନିର୍ମାଣ ଯୋଗୁ ଉତ୍ତେଜନା ଦେଖାଦେଇଛି।

**ପ୍ରଶାସନିକ ହସ୍ତକ୍ଷେପରେ ନିର୍ମାଣ କାର୍ଯ୍ୟ ବନ୍ଦ**

## ସଂକ୍ଷେପରେ

### କାମ କରିବା ବେଳେ ଶ୍ରମିକଙ୍କ ମୃତ୍ୟୁ

**ବଡ଼ଗାଁ,୧।୧୧(ଡି.ଏନ.ଏ.):** ମଙ୍ଗଳବାର ଏମଜିଏନଆରଇଜିଏସ ଯୋଜନାରେ ପୋଖରୀ ଖୋଳା କାମ କରୁଥିବା ବେଳେ ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବେହେରାମାଲ ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସିଲବାନୁସ ଏକା (୬୨)। ପ୍ରକାଶ ଯେ, ସକାଳ ୮ଟାରେ ସେ ପୋଖରୀ ଖୋଳୁଥିବା ବେଳେ ହଠାତ୍ କୌଣସି କାରଣରୁ ଟଳି ପଡ଼ି ମୃତ୍ୟୁବରଣ କରିଥିଲେ। ସେ ଏହି ପୋଖରୀ ଖନନ କାମ ଗତ କିଛି ମାସ ହେଲା କରି ଆସୁଥିଲେ ।

### ପୋଖରୀରେ ବୁଡ଼ି ଜଣେ ମୃତ

**ସୁନ୍ଦରଗଡ,୧।୧୧(ଡି.ଏନ.ଏ.):** ସୁନ୍ଦରଗଡ ଟାଉନ ଥାନା ଅନ୍ତର୍ଗତ ବଡପତ୍ରାପାଲି ପୋଖରୀରେ ବୁଡିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବଡପତ୍ରାପାଲିର ବ୍ରଜମୋହନ ବରିହା (୪୭)। ମଙ୍ଗଳବାର ସେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ କୌଣସି କାରଣରୁ ବୁଡି ଯାଇଥିଲେ ।

### ଦୁଇ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କଲା ଶିକ୍ଷା ବିଭାଗ

**କୁଆଁରମୁଣ୍ଡା,୧।୧୧(ଡି.ଏନ.ଏ.):** ଆବାସିକ ବିଦ୍ୟାଳୟ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଜିଲା ଶିକ୍ଷା ବିଭାଗ ତଦନ୍ତ କରି ଦୁଇ ଜଣ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରିଛି । ଏହି ଶିକ୍ଷକ ଦୁଇଜଣ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୁମୁଟରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବୋଲି ଜଣାଯାଇଛି। ସେମାନେ ହେଲେ ବରଗଡ଼ ଜିଲାର ସୋବନ ମୁନ୍ନା ଓ ଭଦ୍ରକ ଅଞ୍ଚଳର ରତିକାନ୍ତ ବାରିକ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ନିଲମ୍ବନ କରିଥିବା ଚିଠି ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପଠାଇବା ପରେ ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଉକ୍ତ ନିଲମ୍ବନ ଚିଠି ପଠାଇ ଦେଇଥିବା କହିଛନ୍ତି। ଶିକ୍ଷା ବିଭାଗ ଦ୍ୱାରା ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ ଶିକ୍ଷକ ସଂଘ ଓ ଅଭିଭାବକମାନେ ପ୍ରଶଂସା କରିଛନ୍ତି।

### ଜିଲାପାଳଙ୍କ ଜନଶୁଣାଣି ଶିବିର

**ଦେବଗଡ,୧।୧୧(ଡି.ଏନ.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ଖିଲେଇ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୧୦୫ଟି ଅଭିଯୋଗର ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବ୍ୟକ୍ତିଗତ ୭୬ଟି, ସାମୂହିକ ୨୯ଟି ସମସ୍ୟା ପଞ୍ଜୀକୃତ ହୋଇଥିଲା। ରାସ୍ତାଘାଟ, ପାଇଖାନା, ଶିକ୍ଷକ ନିଯୁକ୍ତି, ଇଲେକ୍ଟ୍ରି, ପାନୀୟଜଳ, ପୋଲ ନିମାଣ, ହାତୀ ଉପଦ୍ରବ ଓ କ୍ଷୟକ୍ଷତି ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ଡିଆର୍‌ଡିଏ ପିଡି ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଏସୟୁସିଆଇ ପକ୍ଷରୁ ବିକ୍ଷୋଭ

**କୁତ୍ରା,୧।୧୧(ଡି.ଏନ.ଏ.)**

ମଙ୍ଗଳବାର ଏସୟୁସିଆଇ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଦିଆଯାଇଛି । ବିକ୍ଷୋଭକାରୀମାନେ ହାତରେ ପ୍ଲାକାର୍ଡ ଧରି ୧୦ ନମ୍ବର ରାଜ୍ୟ ରାଜପଥରେ କୁତ୍ରା ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ଯୋଗୁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି । ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ଯୋଗୁ ଗରିବ, ଖଟିଖିଆ ଓ ମଧ୍ୟବିତ୍ତ ପରିବାର ଚଳିବା କଷ୍ଟକର ହୋଇପଡିଛି । ଏଣୁ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଔଷଧ ଦରବୃଦ୍ଧି ନିୟନ୍ତ୍ରଣ କରିବା , ଖାଲି ପଡିଥିବା ଶିକ୍ଷକ,ଅଧ୍ୟାପକ ଓ ଅନ୍ୟାନ୍ୟ ପଦବୀଗୁଡିକ ପୂରଣ କରିବା, ମଦ ବନ୍ଦ କରିବା, ରେଳ, ବ୍ୟାଙ୍କ, ବୀମା କ୍ଷେତ୍ରଗୁଡିକର ଘରୋଇକରଣ ବନ୍ଦ ଆଦି ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।



ବିଭିନ୍ନ ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ପାମରା କ୍ରିକେଟ ଟୁର୍ନାମେଣ୍ଟ: ଡେଙ୍ଗିଭାଡି ଚାମ୍ପିୟନ

**ବଡ଼ଗାଁ,୧।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ସ୍ଥାନୀୟ ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଗତ ୩୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଆୟୋଜକ ରାଇଜିଙ୍ଗ କ୍ଲବକୁ ୩୪ ରନରେ ହରାଇ ସୁନ୍ଦରଗଡ଼ ଡେଙ୍ଗିଭାଡି କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଡେଙ୍ଗିଭାଡି ଦଳ ୧୪୬ ରନ କରିଥିଲା ବେଳେ ରାଇଜିଙ୍ଗ କ୍ଲବ ୧୧୨ ରନ କରିଥିଲେ। ଡେଙ୍ଗିଭାଡିର ଇରମ ସର୍ବାଧିକ ୮୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ଓ ୩ ଉଇକେଟ ନେଇଥିବା ଭରତଙ୍କୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ବୋଲର ଭାବେ ରିଙ୍କୁ ରୋହିଦାସ, କମଲ ବେଷ୍ଟ ଫିଲ୍ଡର , ସୁରେନ ବେଷ୍ଟ ବ୍ୟାଟସ୍ ମ୍ୟାନ ଓ ସମୀର ବାରିକଙ୍କୁ ବେଷ୍ଟ ଅମ୍ପାୟର ଭାବେ ଚୟନ କରି ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟଅତିଥି ଓ ସମିତି ସଭ୍ୟ ଲଳିତ ଏକା,ମୁନୁ ରାଉତ, ସୁନ୍ଦରମଣି ରାଉତ, ଜଗନ୍ନାଥ ସାଥୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଦିନେଶ ସାହୁ, ସମୀର ବାରିକ, ବିକାଶ ଖିଲାରି, ଜଗଦୀଶ ଖିଲାରି, ଏ. ଖିଲାରି ଖେଳ ପରିଚାଳନା କରିଥିଲେ । ଆୟୋଜକ କ୍ଲବର ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ବିଶ୍ୱଜିତ୍ ବାରିକ ଓ ସମ୍ପାଦକ ଦିନେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ସ୍ୱର୍ଣ୍ଣ ପଦକ ବିଜେତା ସ୍ୱାଧୀନଙ୍କୁ ସମ୍ବର୍ଦ୍ଧନା

**ବଡ଼ଗାଁ,୧।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଇତମା ଗ୍ରାମର ସ୍ୱାଧୀନ ମାହାର ଗତ ସପ୍ତାହରେ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ସହିତ ବ୍ରୋଞ୍ଜ ଓ ସିଲଭର ମେଡାଲ ପାଇଛନ୍ତି। ସେ ବଟର ଫ୍ଲାଇ ଷ୍ଟାଇଲରେ ସ୍ୱର୍ଣ୍ଣ, ବ୍ରେଷ୍ଟ ଷ୍ଟ୍ରୋକରେ ସିଲଭର ଓ ୨୦୦ ମିଟର ଫ୍ରି ଷ୍ଟାଇଲରେ ବ୍ରୋଞ୍ଜ ପଦକ ପାଇ ଜିଲାର ଗୌରବ ବଢାଇଛନ୍ତି। ମଙ୍ଗଳବାର ତାଙ୍କୁ ବଡ଼ଗାଁ ବ୍ଲକ ସଭାଗୃହରେ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ କ୍ଷମାନିଧି ଭୋଇ ,ବ୍ଲକ ଅଧକ୍ଷା ଦୁଲାରି ଶୋରେଙ୍ଗ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତୀ ଗରଡିଆ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ସ୍ୱାଧୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ଦିନରେ ଅଂଶଗ୍ରହଣ କରିବାକୁ ଥିବା ଜାତୀୟ ଓ ଅନ୍ତର୍ଜାତୀୟ ଦୌଡ, ଲମ୍ଫଡିଆଁ ଏବଂ ସନ୍ତରଣ ପ୍ରତିଯୋଗିତାରେ ସଫଳତା ଲାଭ ପାଇଁ ଶୁଭ କାମନା କରିଥିଲେ। ଅଧିକାରୀ ମାନେ ସ୍ୱର୍ଣ୍ଣ ବିଜେତା ସ୍ୱାଧୀନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କ ମା' ପ୍ରମିଳା ଓ ବାପା ସୁରେଶଙ୍କ ସହିତ ପରିବାର ଲୋକେ ଉପସ୍ଥିତ ଥିଲେ। ସେହିପରି ସ୍ୱାଧୀନଙ୍କୁ ତାଙ୍କ ଗ୍ରାମରେ ଗ୍ରାମବାସୀ ସମ୍ବର୍ଦ୍ଧନା ଜଣାଇ ଗ୍ରାମ ପରିକ୍ରମା କରାଇଥିଲେ। ସଫଳତା ନେଇ ସ୍ୱାଧୀନ କହିଛନ୍ତି, ବର୍ତ୍ତମାନ କୋରାପୁଟରେ ଅବସ୍ଥାପିତ ଏସଓଜି କମାଣ୍ଡୋ କେଶବ ଚନ୍ଦ୍ର ନାଏକଙ୍କ ପ୍ରେରଣା, ସହଯୋଗ ଓ ତାଲିମ ଯୋଗୁ ସେ ଆଗେଇ ପାରିଛନ୍ତି । ଏହାଛଡା ପୋଷ୍ଟଲ କର୍ମଚାରୀ ଗୁପ୍ତେଶ୍ୱର ରାଉତ,ତାଙ୍କ ବନ୍ଧୁ ରାଜନ ନାଏକ ଓ ବାଲେଶ୍ୱର ପ୍ରଧାନ ସହଯୋଗ କରି ଆସୁଥିବାରୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ସ୍ୱାଧୀନ କଲେଜରେ ପଢୁଥିଲା ବେଳେ ୨୦୧୭ ମସିହାରେ ରାଜ୍ୟସ୍ତରୀୟ ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏହାସହିତ ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ପାଇଥିଲେ । ଆସନ୍ତା ଫେବୃୟାରୀ ମାସରେ ହେବାକୁ ଥିବା ଅନ୍ତର୍ଜାତୀୟ ଲମ୍ଫଡିଆଁ ,୨ଶହ ମିଟର ଦୌଡରେ ଅଂଶଗ୍ରହଣ କରିବାର ଅଛି। ମାର୍ଚ୍ଚରେ ହେବାକୁ ଥିବା ଜାତୀୟ ଅଥଲାଟିକ ମିଟରେ ଶହେ, ୨ଶହ ଓ ୪ ଶହ ମିଟର ଦୌଡରେ ମଧ୍ୟ ଭାଗ ନେବେ। ଆସନ୍ତା ୧୧ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଗୌହାଟିରେ ହେବାକୁ ଥିବା ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜାଣିବାକୁ ମିଳିଛି।


ବଡ଼ଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଧୀନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

### ପୋଖରୀରେ ବୁଡ଼ି ଜଣେ ମୃତ

**ବଡ଼ଗାଁ,୧।୧୧(ଡି.ଏନ.ଏ.)**

ପୋଖରୀରେ ବୁଡିଯାଇ ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କିଞ୍ଜିରକେଲା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିଞ୍ଜିରକେଲା ମୁଣ୍ଡାପଡାର ସାବିଆନ ବୁଡ (୫୫) । ସୋମବାର ପୂର୍ବାହ୍ନରେ ସେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ଭାସୁଥିବାର ଦେଖି ଉଦ୍ଧାର କରି ପୋଲିସକୁ ଜଣାଇଥିଲେ । ଏ ନେଇ ବଡଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଗ୍ରହ ପ୍ରତିଷ୍ଠା ପାଇଁ ଆସିଲା ଆଜ୍ଞାମାଳ

**ବିନିକା ୧।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହର ଗଡଭିତରଠାରେ ଥିବା ମା' ନାରାୟଣୀଙ୍କ ପାର୍ଶ୍ୱ ମନ୍ଦିର ବେଢାରେ ଥିବା ପାର୍ଶ୍ୱ ନବ ଦୁର୍ଗା ବିଗ୍ରହ ପ୍ରତିଷ୍ଠା ପାଇଁ ଆଜ୍ଞାମାଳ ଅଣାଯାଇଛି। ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ନାରାୟଣୀ ମନ୍ଦିରକୁ ଆସିଥିଲେ। ସୁବାସ ପଣ୍ଡା ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସାମାଜିକ କର୍ମୀ ସୋମନାଥ ମିଶ୍ର, ଶୀତଳ ମହାକୁଡ଼ ପ୍ରମୁଖ ଯୋଗଦେଇ ଥିଲେ।

# ଗୁରୁଚରଣ, ଭଗବତୀ ସ୍ମୃତି ଦିବସ

**ରାଉରକେଲା ଅଫିସ,୧।୧୧**

ରାଉରକେଲା କଲଚରାଲ ଏକାଡେମୀ ପରିସରରେ ଓଡିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକଙ୍କ ସ୍ମୃତି ଦିବସ ପାଳିତ ହୋଇଛି। ଏଥିରେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତା ଭାବେ ଅଧ୍ୟାପକ କରୁଣାକର ପାଢଶାଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ବଳରାମ ରାଉଳଙ୍କ ସଭାପତିତ୍ୱରେ ଏକ କବିତା ଆସରର ଆୟୋଜିତ ହୋଇଥିଲା। କବିତା ପାଠୋତ୍ସବରେ ସହରର କବୟିତ୍ରୀ କବିମାନେ ସ୍ୱ ରଚିତ କବିତା ପାଠ କରିଥିଲେ।

# ଜାମଟିକ୍ରାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଜାମଟିକ୍ରା,୧।୧୧(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ ନେହେରୁ ଯୁବକେନ୍ଦ୍ର ଓ ବାବେବିରା ଜୟନ୍ତୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତାବିରା ଏନ୍‌ଏସିର କାର୍ଯ୍ୟନିବାହୀ ଅଧିକାରୀ ଜୟକୃଷ୍ଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ।

# ଏନ୍‌ଟିପିସିରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ


ଏକତା ଦିବସ ପାଳନ ଅବସରରେ ବରିଷ୍ଠ ଅଧିକାରୀବୃନ୍ଦ ।

**ସୁନ୍ଦରଗଡ,୧।୧୧(ଡି.ଏନ.ଏ.)**

ଏନଟିପିସି ଦର୍ଲିପାଲି ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଓ ଭିଜିଲାନ୍ସ ସଚେତନତା ସପ୍ତାହ ସୋମବାର ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପର ସିଜିଏମ ଏ.କେ.ଟଣ୍ଡନ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତରେ କର୍ମଚାରୀମାନଙ୍କୁ ଦେଶର ଅଖଣ୍ଡତା ଓ ଏକତା ବଜାୟ ରଖିବାକୁ ଶପଥ ପାଠ କରାଇଥିଲେ। ଏଥିସହ ଅକ୍ଟୋବର ୩୧ରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଏକ ବିକଶିତ ରାଷ୍ଟ୍ର ପାଇଁ ଭ୍ରଷ୍ଟାଚାର ମୁକ୍ତ ଭାରତ ସମ୍ପର୍କରେ ଆଲୋକପାତ କରିଥିଲେ। । ପୂର୍ବରୁ ଗତ ୨୮ ତାରିଖରେ ପୂର୍ବତନ ଆଇଇଡି(ଏସ ଆର୍ )ପି. ପି କୁଲକର୍ଣ୍ଣିଙ୍କ ଦ୍ୱାରା ଭ୍ରଷ୍ଟାଚାର ପ୍ରତିରୋଧ ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଥିଲା ।ଏହି କର୍ମଶାଳାରେ ପ୍ରକଳ୍ପର କର୍ମଚାରୀଙ୍କ ପାଇଁ ଭ୍ରଷ୍ଟାଚାର ବିରୋଧୀ ବିଷୟବସ୍ତୁ ଆଧାରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ।

# ବଡ଼ଗାଁ ଡିଗ୍ରୀ କଲେଜରେ ରାଷ୍ଟ୍ରୀୟ ଏକତା ଦିବସ

**ବଡ଼ଗାଁ,୧।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷା ବନଜା ରାଣୀ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବକ୍ତାମାନେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେଶ ପାଇଁ ଅବଦାନ ଓ ବଳିଷ୍ଠ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ସର୍ଦ୍ଦାର ପଟେଲଙ୍କୁ ଲୌହମାନବ କୁହାଯିବାର ଯଥାର୍ଥତା ନେଇ ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ପ୍ରଧାନ ସର୍ଦ୍ଦାର ପଟେଲ ଏକତାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। କଲେଜ ଅଧକ୍ଷା ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଅତିଥି ରାଷ୍ଟ୍ରୀୟ ଏକତା ପାଇଁ ସାମୁହିକ ଶପଥ ପାଠ କରିଥିଲେ। ଅଧ୍ୟାପିକା ମାଳବିକା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏନଏସଏସ ସଂଯୋଜକ ସୁଶାନ୍ତ ବିଶି, ଅଧ୍ୟାପକ ତାପସ କର, ଝରଣା ସାହୁ, ଲୋକନାଥ ବେହେରା, ଜିତେନ ବୁଢ଼ା ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟମାନେ ଶପଥ ପାଠ କରୁଛନ୍ତି ।

# ଲହୁଣୀପଡ଼ାରେ ଛଟ୍ ପର୍ବ ପାଳିତ

**ଲହୁଣୀପଡ଼ା,୧।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ଅଞ୍ଚଳରେ ବିହାରୀ ସମ୍ପ୍ରଦାୟର ଲୋକମାନେ ମହାସମାରୋହରେ ଛଟ୍ ପର୍ବ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ପର୍ବରେ ମୁଖ୍ୟତଃ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଥମ ଦିନ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରାଯିବା ବେଳେ ଦ୍ୱିତୀୟ ଦିନ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯାଇଥାଏ। ଛଟ୍ ପର୍ବ ପାଳନ କରି ମନସ୍କାମନା ପୂର୍ଣ୍ଣ ପାଇଁ ଅନେକ ମାନସିକ ରଖିଥାନ୍ତି। ଛଟ୍ ପର୍ବ ପୂର୍ବରୁ ବିଭିନ୍ନ ଜଳାଶୟଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରି ବିଭିନ୍ନ ରଙ୍ଗୀନ ଆଲୋକର ବ୍ୟବସ୍ଥା କରିବା ସହିତ ଆକର୍ଷଣୀୟ ସାଜସଜ୍ଜା ମଧ୍ୟ କରଯାଇଥାଏ। ଲହୁଣୀପଡ଼ାର ପତିବନ୍ଧ, ଠାକୁର ବନ୍ଧ ସମେତ ବ୍ରାହ୍ମଣୀ ନଦୀର ତୁମକଳା ଘାଟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିଥିବା ଜଣାପଡିଛି।


ମଙ୍ଗଳବାର କୁଆଁରମୁଣ୍ଡାରେ ବିଜେଡିର ପଦଯାତ୍ରା ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ସୁନ୍ଦରଗଡ,୧।୧୧(ଡି.ଏନ.ଏ.)**

ସୁନ୍ଦରଗଡ ପୌରାଞ୍ଚଳରେ ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡର ପୂର୍ବତନ ବିଧାୟକ ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସ୍ଥାନୀୟ ରାଜବାଟୀସ୍ଥିତ ସମଲେଇ ମନ୍ଦିର ରେ ପୂଜାର୍ଚ୍ଚନା କରି ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ପୁରୁଣା ଘରୋଇ ବସଷ୍ଟାଣ୍ଡଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବତନ ବିଧାୟକ ସିଂହଙ୍କ ସମେତ ବରିଷ୍ଠ ନେତା ତଥା ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିସାନ, ତଳସରାର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଡା. ପ୍ରଫୁଲ୍ଲ ମାଝି, ଉପନଗରପାଳ ଲଲାଟେନ୍ଦୁ ପରିଡା,ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ସୁମନ୍ତ ପଣ୍ଡା, ସୁନୀଲ ମହାପାତ୍ର ଯୋଗ ଦେଇଥିଲେ । ଏହାଛଡା ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସେହେବାଜ ହୁସେନ, ଗୋପ ମହାନ୍ତି, ଜୟ ନାରାୟଣ ତ୍ରିପାଠୀ, ଜଟିଆ ମୁଣ୍ଡା,ଜିଲା ଆଇନଜୀବୀ ସାମୁଖ୍ୟର ଆବାହକ ଅଶୋକ ସ୍ୱାଇଁ,ଏମ ଡି କଲିମ, ହେମନ୍ତ ପାଢ଼ୀ,ଉମେଶ ଶର୍ମା, ସୁମନ୍ତ ସାହୁ, ରୋଶନ ସାହୁ, ଗେଲବତୀ ପଟେଲ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କ ଲୋକାଭିମୁଖୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।


ସୁନ୍ଦରଗଡ ପୌରାଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ଦଳୀୟ ନେତୃବୃନ୍ଦ ।

## ସଂକ୍ଷେପରେ

### ନିଃଶୁଳ୍କ ଆତ୍ମସୁରକ୍ଷା ଶିବିର

**ସମ୍ବଲପୁର,୧।୧୧(ବ୍ୟୁରୋ):** ସମ୍ପ୍ରତି ଦେଶ ଓ ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ିବାରେ ଲାଗିଛି। ମହିଳାମାନେ ଦୃଢ଼ମନା ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ତେଣୁ ଆତ୍ମସୁରକ୍ଷା ନିହାତି ଜରୁରୀ। ସମ୍ବଲପୁର ଏନ୍‌ଏସ୍‌ସିବି କଲେଜ ଛକସ୍ଥିତ ହେପସ୍କୋପ ଏକାଡେମୀ ଆୟୋଜିତ ନିଃଶୁଳ୍କ ମହିଳା ଓ ବାଳିକା ଆତ୍ମସୁରକ୍ଷା ଶିବିରରେ ଅତିଥିମାନେ ଏହା କହିଛନ୍ତି। ଏକାଡେମୀର ସଭାପତି ବିଶ୍ୱ ରଞ୍ଜନ ବେହେରାଙ୍କ ପରିଚାଳନାରେ ସ୍ୱତନ୍ତ୍ର ଶିବିର ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଓ ଡା. ସଞ୍ଜୀବ କୁମାର ମିଶ୍ର, ଭାଜପା ନେତ୍ରୀ ଭାରତୀ ପଣ୍ଡା, ଏନ୍‌ଏସ୍‌ସିବି କଲେଜ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ବିଶ୍ୱ ମୋହନ ଜେନା, ସାମାଜିକ କର୍ମୀ ରାଜେନ୍ଦ୍ର ଶତନାମି, ଶିକ୍ଷୟିତ୍ରୀ ମୋନାଲିସା ଗୌଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ମନୋରଞ୍ଜନ ବେହେରା ସୂଚନା ପ୍ରଦାନ ଓ ସ୍ୱାଗତୀକା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ରୂପେଶ କୁମାର ଅଧିକାରୀ ୧୦୦ ଜଣ ମହିଳା, ବାଳିକାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ

**ଖଡ଼ିଆଳ,୧।୧୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଅବସ୍ଥିତ ଓଷ୍ଟ୍ରେନ ଓଡିଶା ଆବାସିକ ପବ୍ଲିକ ସ୍କୁଲର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ଓଡିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଡୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**ସମ୍ବଲପୁର,୧।୧୧(ବ୍ୟୁରୋ)**



କଲେଜ ପରିସରରୁ ବାହାରିଥିବା ଗଣଦୌଡ଼।

କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିନ ପାଳନ କରିବା ସହ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଯୁବତୀ ଯୁବକମାନେ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ ଶପଥ ନେଇଥିଲେ। ଜିଲାର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ୟୁଥ୍ କ୍ଲବର ଯୁବ ବର୍ଗଙ୍କୁ ନେଇ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମାନେଶ୍ୱର ମାନଧାତା ବାବା କଲେଜ ପରିସରରୁ ଗଣଦୌଡ଼ ବାହାରି ମାନେଶ୍ୱର ଛକ ପରିକ୍ରମା କରି ପୁଣି କଲେଜକୁ ଫେରିଥିଲା। କଲେଜର ପ୍ରାୟ ୨୫୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସ୍ୱେଚ୍ଛାସେବୀ ମାଇକେଲ କୁଲୁ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏକ ଶ୍ରେଷ୍ଠ ଦେଶ ଗଢ଼ିତୋଳିବା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଶପଥ ପାଠ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଡ଼. ସତ୍ୟନାରାୟଣ ଠାକୁର, ଖେଳ ଶିକ୍ଷକ ପ୍ରଦୀପ ସାହୁ, ଗ୍ରନ୍ଥାଗାରିକ ପ୍ରକାଶ ହୋତା, ଅର୍ଥନୀତି ଅଧ୍ୟାପକ ଧର୍ମେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ହୀରକ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟିତ

## ବଡ଼ବନ୍ଧ ପ୍ରାଥମିକ ବିଦ୍ୟାଳୟ

**ଦେଓଗାଁ,୧।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ମହୋତ୍ସବ ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଜିଲା ପରିଷଦ ଅଧ୍ୟକ୍ଷା ଦେବାକୀ ସାହୁ । ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଇଂଲିଶ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଧୁସୂଦନ ପତି ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଟିଟିଲାଗଡ ଡିଏଭି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ, ଦେଓଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସଇଁତଳା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ ପ୍ରମୁଖ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ବିଶ୍ୱନାଥ ପୁରୋହିତ ବିରରଣୀ ପାଠ କରିଥିଲେ । ଏହି ଅବସରରେ ୭୫ ବର୍ଷ ଧରି ଏହି ବିଦ୍ୟାଳୟରେ କାର୍ଯ୍ୟ କରି ଆସିଥିବା ୫୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୧।୧୧(ବ୍ୟୁରୋ)**

ସମ୍ବଲପୁର ଖଣ୍ଡ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନେଲସନ ମଣ୍ଡେଲା ଛକରୁ ୱାକାଥନ ବାହାରି ଜେଲ ଛକ, ଜିଲାସ୍କୁଲ ଛକ, ଲକ୍ଷ୍ମୀଟକିଜ ଛକ, ଗୋଲବଜାର ଛକ ପରିକ୍ରମା କରିଥିଲା। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଆଶା କର୍ମୀ, ମିଶନ ଶକ୍ତି ସଦସ୍ୟା ସାମିଲ ଥିଲେ। ସହରର ବିଭିନ୍ନ ଛକରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।


ନେଲସନ ମଣ୍ଡେଲା ଛକଠାରେ ଆୟୋଜିତ ପଥପ୍ରାନ୍ତ ନାଟକ ।


## ODISHA PUBLIC SERVICE COMMISSION , CUTTACK

### NOTICE

**No.9921/PSC, Dt.31.10.22**
**PF-1E-11-2021/22 (DR-III)**

**No.D-206:**It is for information of all concerned that, pursuant to Advt. No.24 of 2021-22, 07 (Seven) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Geology. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 15.11.2022, as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 15.11.2022 | 10.30 A.M. | 00113165,00112710,00014311,00014314,00113215, 00013687 & 00014867 = **07 candidates** |

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection. The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.
**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0191/2223** **Sd./- Secretary**


# ରେଳମଣ୍ଡଳରେ ସତର୍କତା ସଚେତନତା ୱାକାଥନ



ରେଳବାଇ ଷ୍ଟାଡିୟମ ସମ୍ମୁଖରୁ ୱାକାଥନ ବାହାରୁଛି ।

**ସମ୍ବଲପୁର,୧।୧୧(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ମଙ୍ଗଳବାର ସତର୍କତା ସଚେତନତା ସପ୍ତାହ-୨୦୨୨ ପାଳିତ ହୋଇଛି। ସମ୍ବଲପୁର ରେଳ ମଣ୍ଡଳ ଦୁର୍ନୀତି ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ୱାକାଥନ ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଖଣ୍ଡତାର ବାର୍ତ୍ତା ବିସ୍ତାର ଓ ପ୍ରତ୍ୟେକ କୋଣରୁ ଦୁର୍ନୀତି ଦୂର କରିବା। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ନେତୃତ୍ୱରେ ରେଳ ଷ୍ଟାଡିୟମରୁ ରେଳ ନଗର ଫାଟକ ପର୍ଯ୍ୟନ୍ତ ୱାକାଥନ ଆୟୋଜନ କରାଯାଇଥିଲା। ମଣ୍ଡଳର ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥିରେ ଭାଗ ନେଇଥିଲେ। ସଚେତନତା ସପ୍ତାହ ନଭେମ୍ବର ୬ତାରିଖ ପର୍ଯ୍ୟନ୍ତ ଜାରି ରହିବ।

# ୫୦୧ ୟୁନିଟ୍ ରକ୍ତ ସଂଗୃହୀତ

## ପୋଲିସ ପକ୍ଷରୁ ରକ୍ତଦାନ ଶିବିର

**ଝାରସୁଗୁଡ଼ା ଅଫିସ,୧।୧୧**

ଝାରସୁଗୁଡ଼ା ଜିଲା ପୋଲିସ୍ ତରଫରୁ ଟାଉନ ଥାନା ପରିସରରେ ମଙ୍ଗଳବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ରାହୁଲ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମୁଦାୟ ୫୦୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ଏନ୍‌ସିସି ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ମହିଳା, ପୋଲିସ୍ ଅଧିକାରୀ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଜିଲା ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ଶିଲୋବତୀ ଜୋଜୋଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକର୍ମୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା, ଡିଏସ୍‌ପି ବାଳକୃଷ୍ଣ କଅଁର, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ, ସୁଚିସ୍ମିତା ମହାନ୍ତି, ପି ଲୁଗୁନ, ବରିଷ୍ଠ ନାଗରିକ ବାଳଗୋବିନ୍ଦ ମିଶ୍ର, ପବନ ସୁଲତାନିଆ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


## SUPERINTENDENT, SLN MEDICAL COLLEGE & HOSPITAL, KORAPUT

No.E-582:

### TENDER PAPER FOR PURCHASE OF LABORATORY REAGENTS/ CHEMICALS/ KITS/GLASSWARE/ PLASTICWARE

**BID REFERENCE NO.6873** **DATED 29.10.2022**

| | | |
|---|---|---|
| 1 | Period of commencement of Tender Documents | From Dt.29.10.2022 to 28.11.2022 (11 AM to 5 PM) Download From website: https://koraput.nic.in/ |
| 2 | Pre-Bid Meeting | Date 16.11.2022, Time: 11.30 A.M. |
| 3 | Last date and time for submission Tender (through the Regd./Speed Post) | Date 30.11.2022, Time upto 5 PM Address for Submission of Bid Superintendent, SLN Medical College & Hospital, Koraput |
| 4 | Date, Time and Place of Opening of Technical Bid | Technical Bid (Cover A) Opening Date: 02.12.2022, Time 12.30 PM Financial Bid (Cover-B) The Date of Opening of Financial Bid will be intimated to the qualified bidders after Technical Evaluation. |

**Sd./- Superintendent**
**SLN Medical College & Hospital, Koraput**
**OIPR-10121/11/0016/2223**

## OFFICE OF THE KORAPUT MUNICIPALITY: KORAPUT

**No.5734/MUN-2022** **Dated-29.10.2022**

### "e" PROCUREMENT NOTICE

**Bid Identification No. : KPTMUN-085/2022**

**No.C-1485:**Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No. of Works : 01 No.
3. Estimated Cost : Rs.11,09,400.00
4. Period of Completion : 2 Months
5. Date & Time of Bidding : From 11.00 A.M. of 01.11.2022 to 5.00 P.M. 16.11.2022.
6. Last Date & Time for receipt of Bids in portal : 16.11.2022 at 5.00 P.M.
7. Bids received online shall be Opened on : 03.00 PM hours of Dt.17.11.2022
8. Name and address of the Officer Inviting Bid : Executive Officer Koraput Municipality

Further details can be seen from the procurement portal: **www.tenderorissa.gov.in.**

**Sd./- Executive Officer, Koraput Municipality**
**OIPR-13074/11/0050/2223**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER QUALITY ASSURANCE DIVISION, HIRAKUD

**Email Id: cro_hrs@rocketmail.com**

**No.2287** **Date: 26.10.2022**

**AUCTION SALE NOTICE No.: QADHKD/ 02/2022-23 DATED-26.10.2022**

**No.A-671:**Sealed Tenders in conformity with detail Tender schedule are invited from interested persons/ firms for sale of the condemned / unserviceable (T&P) Materials of Superintending Engineer, Quality Assurance Division , Hirakud on "AS IS WHERE IS BASIS" only presently available in the campus as noted bellow.

| BID. ID No. | Description of Item | Details of the Campus | Upset Price (Rs) | Cost of Tender Document (Non-refundable) | Caution money to bs deposited (Rs) |
|---|---|---|---|---|---|
| QADHKD/ SR-01 | Unserviceable Special T&P Material (Jeep No. ORC-4308, Willys make) | Office Building and New office Building under Superintending Engineer, Quality Assurance Division, Hirakud | 22500.00 | Rs.400/- (Four Hundred) (Cash/ DDByhand) Rs.400/- (Four Hundred) (DD) (In case of down load) Rs 500/- (Five Hundred) (DD) (in case of post) | 1200.00 |
| QADHKD/ SR-02 | Unserviceable Special T&P Material (Jeep No-OSS-541,Mahindra & Mahindra make) | Old Office Building and New office Building under Superintending Engineer, Quality Assurance Division, Hirakud | 19000.00 | Rs.400/- (Four Hundred) (Cash/ DD By hand) Rs.400/- (Four Hundred) (DD) (In case of down load) Rs500/- (Five Hundred) (DD) (in case of post) | 1000.00 |
| QADHKD/ SR-03 | Unserviceable Special T&P Material (Jeep No-ORC-7342, Mahindra & Mahindra make) | Office Building and New office Building under Superintending Engineer, Quality Assurance Division, Hirakud | 30000.00 | Rs.400/- (Four Hundred) (Cash/ DD By hand) Rs.400/- (Four Hundred) (DD) (In case of down load) Rs 500/- (Five Hundred) (DD) (in case of post) | 1500.00 |

| Sale of Tender Document | | Last Date of Drop of Tender | Date of Opening of Tender |
|---|---|---|---|
| From | To | | |
| 04.11.2022 At 10.30 AM | 05.12.2022 Upto 1.00 PM | 05.12.2022 Upto 1.30 PM | 05.12.2022 At 3.00 PM |

1. The details are available in office of the Superintending Engineer, Quality Assurance Division, Hirakud during office hours and also in the websites http://dowrodisha.gov.in , http:// odisha.gov.in and https://sambalpur.nic.in.

**Sd/- Superintending Engineer**
**Quality Assurance Division, Hirakud**
**OIPR-32451/11/0003/2223**

## Bhubaneswar Municipal Corporation

*Progress through Partnership for better Bhubaneswar*

**Notice No. 50858** **Date: 31.10.2022**
**Ref.: Short Tender Notice No. 49072 dated 18.10.2022 / Corrigendum - 1, Notice No. 49844 dated 21.10.2022 / Addendum - 1, Notice No. 50496 dated 27.10.2022**

**Corrigendum - 2: Extension of Proposal submission date for the work "Dismantling and removal of illegal advertisement hoardings on Pvt./Govt. land, rooftops of high-rise building etc. within jurisdiction of BMC**

No. C-1484: In reference to the short tender for the work "Dismantling and removal of illegal advertisement hoardings on Pvt./Govt. land, rooftops of high-rise building etc. within jurisdiction of BMC, the last date of submission of proposal is 31.10.2022 upto 5.00 P.M. has been extended to 04.11.2022, upto 4.00 P.M. Subsequently, the dates for opening of technical proposal is scheduled to be held on 04.11.2022 at 5.00 P.M.
The details of the tender are available in BMC website: **http://bmc.gov.in.**

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0146/2223

## THE ODISHA STATE COOPERATIVE BANK LTD.

**Pandit Jawaharlal Nehru Marg, Bhubaneswar-751001**

*Ref. No. 3918/OSCB/HRDD/ /2022-23* *Date: 31.10.22*

### NOTICE INVITING TENDER

No.LL-18: The Bank desires to purchase a good number of Diary and Calendars / Table Calendars for the New Year 2023. Registered Firms / NGOs having own offset colour printing press with adequate experience in offset printing work may participate in the tender / bid which should reach this office through Speed Post / Regd. Post by 2.00 PM on or before 15.11.2022. The intending parties may log on to Bank's website www.odishascb.com for downloading the required tender papers i.e. detailed tender call notice and tender documents including terms and conditions of the tender and submit the tender paper along with Tender amount and EMD in shape of Bank Draft / Pay Order in favour of the Managing Director, Odisha State Cooperative Bank, drawn on any Nationalized / Scheduled Bank on or before 15.11.2022.
For any query / clarification, the Consultant-in-Charge of Premises may be contacted in person or over Phone No. 0674-2375153, 2375100.

OIPR-39012/11/0025/2223 **Sd./- Managing Director**

## OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR

Telephone: 06731-220322, Fax: 06731 -220220,
E-mail id: dfo.keonjharwl@odisha.gov.in

### CORRIGENDUM

No. MM-242:- Corrigendum to the advertisement as published in daily newspaper "DHARITRI" All Edition & "ORISSA BHASKAR" Bhubaneswar Edition dated 14.10.2022 regarding Quotation Call Notice for supply of Uniform articles in respect of Keonjhar Wildlife Division, Anandapur.
The last date and time of receipt of Quotation Call Notice and opening of the sealed quotations in respect of the aforementioned advertisement for supply of Uniform articles in respect of Keonjhar Wildlife Division, Anandapur is hereby extended till the dates as mentioned below against each due to non-submission of tender documents by anybody.

| | |
|---|---|
| Last Date & Time of receipt of Quotation Call Notice | 1.30 PM of 15.11.2022 |
| Date & Time of opening of Quotation | 4.00 PM of 15.11.2022 |

**Sd./- Divisional Forest Officer,**
**Keonjhar Wildlife Division, Anandapur**
OIPR-08147/11/0005/2223

No. C-1483

## Government of Odisha
## Housing & Urban Development Department

**3rd Floor, Kharavel Bhavan, Unit-V, Bhubaneswar, PIN: 751001**
**No. 17974 /HUD., Bhubaneswar, dated the 28.10.2022**
**ELE-25/2022**

### NOTIFICATION

In exercise of the power conferred by sub-section (6) of Section 3 of the Odisha Municipal Corporation Act, 2003 (Odisha Act of 11 of 2003), the State Government do hereby declare their intention to include Lochapada of Lochapada G.P., Sanakusasthali of Badakusathali G.P., Bramhapalli of Gounju G.P. & Golabandha of Golabandha G.P. of the Ganjam district in Berhampur Municipal Corporation which is contiguous to the said Municipal Corporation under sub-section (5) of the said section.

All persons likely to be affected thereby may file objections/ suggestions in writing to the State Government in Housing & Urban Development Department or through the District Magistrate, Ganjam within 30 days from the date of publicaiton of this Notification in the Odisha Gazette and objections/ suggestions received within the above period shall be taken into consideration by the State Government.

By order of the Governor
**Sd./- Director of Municipal Administration & Ex-Officio Additional Secretary to Govt.**

## ଓଡ଼ିଶା ସରକାର
## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ନଥି ସଂଖ୍ୟା: ଇଲେକ୍ସନ-୨୫/୨୦୨୨ ଚିଠି ସଂଖ୍ୟା: ୧୭୯୭୪ ତାରିଖ: ୨୮।୧୦।୨୦୨୨

### ଅଧିସୂଚନା

ଓଡ଼ିଶା ମହାନଗର ନିଗମ ଅଧିନିୟମ, ୨୦୦୩ (୨୦୦୩ର ମହାନଗର ନିଗମ ଅଧିନିୟମ ୧୧)ର ଧାରା ୩ର ଉପଧାରା (୬) ଦ୍ୱାରା ଅର୍ପିତ କ୍ଷମତା ପ୍ରୟୋଗ କ୍ରମେ, ଓଡ଼ିଶା ସରକାର ଲୋଚାପଡ଼ା ଗ୍ରାମପଞ୍ଚାୟତର ଲୋଚାପଡ଼ା ଗ୍ରାମ, ବଡ଼କୁସସ୍ଥଳୀ ଗ୍ରାମପଞ୍ଚାୟତର ସାନକୁସସ୍ଥଳୀ ଗ୍ରାମ, ଗଉଞ୍ଜୁ ଗ୍ରାମପଞ୍ଚାୟତର ବ୍ରହ୍ମପଲ୍ଲୀ ଗ୍ରାମ ଓ ଗୋଳାବନ୍ଧ ଗ୍ରାମପଞ୍ଚାୟତର ଗୋଳାବନ୍ଧ ଗ୍ରାମକୁ ଉପରୋକ୍ତ ଧାରାର ଉପଧାରା (୫) ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପାଇଁ ବିନିର୍ଦ୍ଦିଷ୍ଟ କରୁଛନ୍ତି ।

ଏହି ଅଞ୍ଚଳର ଯେଉଁ ବ୍ୟକ୍ତିମାନେ ପ୍ରଭାବିତ ହେବାର ସମ୍ଭାବନା ଅଛି ସେହି ବ୍ୟକ୍ତିମାନଙ୍କଠାରୁ ଅଧିସୂଚନା ଓଡ଼ିଶା ଗ୍ୟାଜେଟରେ ପ୍ରକାଶିତ ହେବାର ତିରିଶ ଦିନ (୩୦) ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଗଞ୍ଜାମଙ୍କ ଜରିଆରେ ଲିଖିତାକାରରେ ଆପତ୍ତି ଓ ପରାମର୍ଶ ଗୁଡ଼ିକ ଆହ୍ୱାନ କରାଯାଉଛି । ଯେଉଁ ଆପତ୍ତି ଓ ପରାମର୍ଶଗୁଡ଼ିକ ଉପରୋକ୍ତ କଳାବଧି ମଧ୍ୟରେ ମିଳିବ, ସେଗୁଡ଼ିକୁ ରାଜ୍ୟ ସରକାର ଯଥୋଚିତ ବିଚାର କରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା/- ନିର୍ଦ୍ଦେଶକ ପୌର ପ୍ରଶାସନ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ**
OIPR-13001/11/0017/2223

## idco ODISHA NEW OPPORTUNITIES

Your power to grow
ISO 9001 & 14001 Corporation

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

**No.CAD-2350:** **Tender Call Notice No.**
**IDCO:H.O./P&C/EST/E-1057/03/2014/ 27709, Dt.29.10.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the work : a) Development of Road and Construction of RCC Drain from Plot No.N/41 to Plot No.B/45 at Chandaka Industrial Area, Bhubaneswar, Odisha. (Rs.85.94 Lakh)
b) Construction of Road behind HDFC Bank Ltd., at Infocity, Chandaka Industrial Area, Bhubaneswar, Odisha. (Rs.76.96 Lakh)
c) Repair and Renovation of Road, Pathway and Drain cover slab at Infosys, Chandaka Industrial Area, Bhubaneswar, Odisha. (Rs.23.45 Lakh)
2. **Other details:**

| Procurement Officer | Bid ID/ Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath,Bhubaneswar- 751022 | P&C/EST/ E-90/ 2022-23 | 05.11.2022 at 17.00 Hrs. | 21.11.2022 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

**Sd./- Chief General Manager (P&C)**
**IDCO, Bhubaneswar**
**OIPR-14003/11/0184/2223**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨ ନଭେମ୍ବର, ୨୦୨୨

**ବିଭିନ୍ନ ସ୍ଥାନରେ ଗୋପାଷ୍ଟମୀ ପାଳିତ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ମିଳିତ ଆନୁକୂଲ୍ୟରେ ଲୋଇସିଂହା ବ୍ଲକର ତାଲଜିରୀ, ଝାରମୁଣ୍ଡା ଓ ଉପରବାହାଲରେ ଗୋପାଷ୍ଟମୀ ମଙ୍ଗଳବାର ପାଳିତ ହୋଇଯାଇଛି। ତାଲଜୁରୀଠାରେ ଆନୁଷ୍ଠିତ ଉତ୍ସବରେ ବିଶ୍ୱହିନ୍ଦୁ ପରିଷଦ ଏବଂ ଗୋରକ୍ଷାର ସଂଯୋଜକ କାହ୍ନା ଶତପଥୀ, ବଜରଙ୍ଗ ଦଳର ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅତିଥିମାନେ ଗୋପାଳନର ଉପକାରିତା ଏବଂ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଘରେ ଗୋପାଳନ କରି ସ୍ୱାବଲମ୍ବୀ ହେବାକୁ ଚାଷୀଙ୍କୁ ଆହ୍ୱାନ ଦିଆଯାଇଥିଲା।



## ସଂକ୍ଷେପରେ

### ଏକାଧିକ ପଞ୍ଚାୟତ ଦାୟିତ୍ୱରେ ଜଣେ ପିଇଓ, ଉନ୍ନୟନ କାମ ବ୍ୟାହତ

**ଲାଠୋର, ୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ୨୧ଟି ପଞ୍ଚାୟତ ରହିଛି। ଉନ୍ନୟନମୂଳକ କାମକୁ ଆଗକୁ ନେବା ପାଇଁ ପ୍ରତି ପଞ୍ଚାୟତରେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ରହିବା କଥା। ହେଲେ ପ୍ରତି ପଞ୍ଚାୟତରେ ପିଇଓ ନ ଥିବାରୁ ଜଣଙ୍କୁ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରଖାଯାଇଛି। ଏହି ପରିସ୍ଥିତିରେ ସେମାନେ କେଉଁ ଗୋଟିଏ ବି ସ୍ଥାନରେ ସୂଚାରୁ ରୂପେ କାର୍ଯ୍ୟ କରି ପାରୁନାହାନ୍ତି। ଲାଠୋର, ବେନ୍ଦେର, ମାଲପଡ଼ା, କରୁଆଝର, ଟଙ୍କପାଣି ପଞ୍ଚାୟତରେ ଏହାକୁ ନେଇ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଲାଠୋର, ବେନ୍ଦେର ଏବଂ ମାଲପଡ଼ା ପଞ୍ଚାୟତ ଦାୟିତ୍ୱରେ ତପନ ମେହେର ରହିଛନ୍ତି। ସେହିପରି ମନୋଜ କୁମାର ସାହୁ କରୁଆଝରରେ ଓ ଖପ୍ରାଖୋଲ ପଞ୍ଚାୟତରେ ଏବଂ ବାହୁବଳେନ୍ଦ୍ର ପୁରୋହିତ ଟଙ୍କପାଣି ଓ ଘୁନସର ପିଇଓ ନିଯୁକ୍ତ ଅଛନ୍ତି। ସମ୍ପୃକ୍ତ ୫ପଞ୍ଚାୟତ ଅଧିନରେ ୨୬ଖଣ୍ଡ ରାଜସ୍ୱ ଗ୍ରାମରେ ୩୦ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ବାସ କରୁଛନ୍ତି। ପ୍ରତିଦିନ ଏଠିକାର ଅଧିବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା, ରାଶନ କାର୍ଡ଼, ସିଏଫସି, ଏସଏଫସି, ଏମ୍‌ଜିଏନ୍‌ଆରଇଜିଏସ୍ ତଥା ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ଆସୁଛନ୍ତି। ହେଲେ ପ୍ରାୟ ସମୟ ପିଇଓମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକେ ଭେଟି ଆପତ୍ତି, ଅଭିଯୋଗ ଜଣାଇ ପାରୁ ନାହାନ୍ତି। ପିଇଓମାନେ ଫାଷ୍ଟ ସିଗନେଚରି ଅଫିସର ହୋଇଥିବାରୁ ବିଶେଷ କରି ଏମ୍‌ଜିଏନଆର୍‌ଇଜିଏସ୍ କାମରେ ବାଧା ସୃଷ୍ଟି ହେଉଛି। ଏ ନେଇ ଖପ୍ରାଖୋଲ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ କୁମାର ପାଣିଙ୍କୁ ପଚାରିବାରୁ ବ୍ଲକରେ ୧୪ଜଣ ପିଇଓ ନିଯୁକ୍ତ ଥିବାବେଳେ ସେମାନଙ୍କୁ ୨୧ ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ୫ ଦାଦନ ଶ୍ରମିକ ଉଦ୍ଧାର, ଦଲାଲ ଗିରଫ

**ଖପ୍ରାଖୋଲ,୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଚଢ଼ାଉ କରି ବାଞ୍ଜିପାଲି ଛକ ନିକଟରେ ହାଇଦ୍ରାବାଦକୁ ଚାଲାଣ ହେଉଥିବା ୫ ଦାଦନ ଶ୍ରମିକଙ୍କୁ ସୋମବାର ବିଳମ୍ବିତ ରାତିରେ ଉଦ୍ଧାର କରିଛି। ବରଗଡ଼ ଜିଲା ବୁଡେନ ଥାନା ଅନ୍ତର୍ଗତ ଧଉଳିବାହାଲ ଗ୍ରାମରୁ ଏକ ବୋଲେରୋ(ନଂ.ଓ ଆର ୦୩ ଜି ୭୩୯୯)ରେ ଶ୍ରମିକ ଚାଲାଣ ହେଉଥିବା ଖବର ପାଇ ପୋଲିସ ବାଞ୍ଜିପାଲି ଗାଁ ନିକଟରେ ଛକି ରହିଥିଲା । ଶ୍ରମିକ ଚାଲାଣ କରୁଥିବା ଦଲାଲ ନରୋତ୍ତମ ବରିହାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୭୫/୨୨)ରୁଜୁ ହୋଇଛି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି।

### ଶିଶୁ ଚାଲାଣ ଉପରେ ସଚେତନତା ପ୍ରଶିକ୍ଷଣ

**ଲାଠୋର,୧।୧୧(ଡ଼ି ଏନ ଏ):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭାଟା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ଶିଶୁ ଚାଲାଣ ଉପରେ ଦାୟିତ୍ୱ ଗୋଷ୍ଠୀଙ୍କ ସଚେତନତା ପ୍ରଶିକ୍ଷଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ଆବାହକତ୍ୱରେ କରାଯାଇଥିବା କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଏସଡ଼ିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି,ଏଡ଼ ଏଟ ଆକ୍ସନ ଜିଲା କୋଅର୍ଡ଼ିନେଟର ସନ୍ଧ୍ୟାରାଣୀ ପତି, ତୁରେକେଲା ସିଡ଼ିପିଓ ମାଧୁରୀ ହୋତା, ସୁପରଭାଇଜର ସତ୍ୟଭାମା ମହାନନ୍ଦ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟସିଂ ମେହେର ଏବଂ ୱାର୍ଡ଼ ସଭ୍ୟାସଭ୍ୟ ଯୋଗଦେଇଥିଲେ। ବର୍ତ୍ତମାନ ଦାଦନ ଋତୁ ଚାଲୁଥିବାରୁ ଶିଶୁ ଚାଲାଣ ଏବଂ ବାଲ୍ୟ ବିବାହ କେମିତି ରୋକ ଯାଇପାରିବ ସେ ଦିଗରେ ଦାୟିତ୍ୱ ଗୋଷ୍ଠୀଙ୍କ କଣ ସବୁ କର୍ତ୍ତବ୍ୟ ରହିଛି ସଚେତନ କରାଯାଇଥିଲା। ସେହିପରି ଯେଉଁ ଶ୍ରମିକମାନେ ଦାଦନ ଖଟିବାକୁ ଯାଉଛନ୍ତି ସେମାନେ ଲାଇସେନ୍ସପ୍ରାପ୍ତ ସର୍ଦ୍ଦାରଙ୍କ ଜରିଆରେ ଯାଉଛନ୍ତି କି ନାହିଁ, କେଉଁଠାକୁ ଯାଉଛନ୍ତି, କେତେ ଦିନ ପାଇଁ ଯାଉଛନ୍ତି, ମଜୁରି କେତେ ପାଇବେ ଏବଂ କେବେ ଫେରିବେ ଇତ୍ୟାଦି ସମସ୍ତ ତଥ୍ୟ ଜାଣିବାର ଆବଶ୍ୟକତା ରହିଛି ବୋଲି ସଚେତନ କରାଯାଇଥିଲା। ସେହିପରି ଦାଦନ ଶ୍ରମିକ କେଉଁଠାରେ ନିର୍ଯାତିତ ହେଉଥିଲେ ସେମାନେ ପୋଲିସ ଟୋଲ ଫ୍ରି ନମ୍ବର ୧୧୨ ଏବଂ ମିଶନ ଉଦ୍ଧାର କଣ୍ଟ୍ରୋଲ ରୁମ ନଂ ୦୬୬୫୨-୩୩୨୦୨୨ କୁ ଫୋନ କରି ଜଣାଇବାକୁ କୁହାଯାଇଥିଲା। ଏହି ଅବସରରେ ଇଫିକୋର ପ୍ରତିନିଧି ନବିନ୍ଦ୍ର ମେହେର, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଏସ୍‌ଏଚ୍‌ଜି ମହିଳା, କିଶୋରୀ ବାଳିକା ତଥା ସାଧାରଣ ଲୋକ ଉପସ୍ଥିତ ଥିଲେ।



ବଲାଙ୍ଗୀର ଦିନ୍ ଉତ୍ସବର ସାନ୍ଧ୍ୟ ସଭାରେ ମଞ୍ଚାସୀନ ଅତିଥି।

# ଏକତା ବିକାଶର ରାସ୍ତା ଫିଟାଇବ

## ବଲାଙ୍ଗୀର ଦିନ୍ ଉତ୍ସବରେ ଦୁଲୁକିଲା କଳାମଣ୍ଡଳ

**ବଲାଙ୍ଗୀର ଅଫିସ, ୧।୧୧**

ନଭେମ୍ବର ୧ ତାରିଖ ବଲାଙ୍ଗୀର ଦିନ୍ ଉତ୍ସବ ମହାସମାରୋହରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ପଦ୍ମଶ୍ରୀ ଡ. ନରସିଂହ ପ୍ରସାଦ ଗୁରୁ, ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ପଦ୍ମଶ୍ରୀ କୈଳାସ ମେହେର ଓ ଗୁରୁଶ୍ରୀ ଘାସିରାମ ମିଶ୍ର ମଞ୍ଚାସୀନ ହୋଇଥିଲେ। ନିଜ ପରିଚୟକୁ ନେଇ ଗର୍ବ କରିବାକୁ ହେଲେ ଏକତା ପ୍ରତିଷ୍ଠା କରିବାକୁ ହେବ ଏବଂ ଏକତା ପ୍ରତିଷ୍ଠା ହେଲେ ବିକାଶର ରାସ୍ତା ଫିଟିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ନିଜକୁ ବଲାଙ୍ଗୀରିଆଭାବେ ଗର୍ବ କରିବା ସହ ନିଜ ମାଟିର ଉନ୍ନତି ଦିଗରେ ସ୍ୱେଚ୍ଛାକୃତଭାବେ ଯୋଗଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ମିଶନ ପରିସରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପୂର୍ବକ କଳାମଣ୍ଡଳ ସଭାମଞ୍ଚକୁ ଆସି ସଦିଚ୍ଛା ଓ ଶୁଭକାମନା ଜଣାଇଥିଲେ। ଏହି ଅବସରରେ ପ୍ରମୋଦ ବାରିକ ବଲାଙ୍ଗୀର ଦିନ୍ ଓ ବଲାଙ୍ଗୀରବାସୀଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ।

ବଲାଙ୍ଗୀର ଦିନ୍ ଆବାହକ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥି ଭାବେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର, ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା, କମିଟି ସଂଯୋଜକ ଗୋପାଳ ପ୍ରଧାନ, ଦିନେଶ ଶର୍ମା, ସଙ୍ଗୀତା ଦାଶ, ସରିତା ଦାସ, ପ୍ରତାପ ଚନ୍ଦ୍ର ରଥ, ବିଧୁଭୂଷଣ ତ୍ରିପାଠୀ ଓ ଲୋଟସ ଷଡଙ୍ଗୀ ମଞ୍ଚାସୀନ ହୋଇଥିଲେ। କମିଟି ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ସ୍ମାରକୀ ଏବଂ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ବଲାଙ୍ଗୀରର ବିକାଶ ପାଇଁ ଏକତାବଦ୍ଧ ହୋଇ କାମ କରିବା ଉପରେ ଜୋର ଦେଇଥିଲେ। ବଲାଙ୍ଗୀର ଜିଲାର କଳା, ସଂସ୍କୃତି ଓ ପରମ୍ପରାର ସ୍ୱାତନ୍ତ୍ରତା ରହିଛି। ସାଂସ୍କୃତିକ ପରିଚୟ ହିଁ ଅସଲ ପରିଚୟ ବୋଲି ଅତିଥି, ବକ୍ତାମାନେ କହିଥିଲେ। ସଭାକୁ ଲୋଟସ ଷଡଙ୍ଗୀ ଓ ପ୍ରତାପ ରଥ ସଂଯୋଜନା କରିଥିଲେ।

ସଭାପତୀୟ ଅଭିଭାଷଣରେ ଗୋପାଲଜୀ ପାଣିଗ୍ରାହୀ ବଲାଙ୍ଗୀରବାସୀଙ୍କ ଏକତା ଓ ପ୍ରଗତି ହିଁ ଏହି କାର୍ଯ୍ୟକ୍ରମର ମୂଳ ସିଦ୍ଧାନ୍ତ ବୋଲି କହିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀରିଆ ଝଲକ ଦେଖିବାକୁ ମିଳିଥିଲା। ବହୁ ଦର୍ଶକ ଲୋକନୃତ୍ୟ, ଲୋକସଙ୍ଗୀତ ତାଳେ ତାଳେ ଝୁମିଥିଲେ। ସଭାରେ ସହସ୍ରାଧିକ ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ପୂର୍ବାହ୍ଣ ୧୧ଟାରେ କଳାମଣ୍ଡ ପଡିଆରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ସାଂସ୍କୃତିକ ଶୋଭାଯାତ୍ରାରେ ଏମ୍‌ପି ସିଂଦେଓ ଓ ପୌରାଧ୍ୟକ୍ଷା ସାହୁଙ୍କ ସହ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି, ଅନୁଷ୍ଠାନ ପ୍ରତିନିଧି, ସାଂସ୍କୃତିକ ଦଳ କଳାକାର ଓ ଅଭିନେତା ଯୋଗଦାନ କରିଥିଲେ। ସ୍ୱାଧୀନତା ପରେ ସ୍ୱତନ୍ତ୍ର ବଲାଙ୍ଗୀର ଜିଲା ଗଠନ ଦିବସକୁ ବଲାଙ୍ଗୀର ଦିନ୍ ଭାବେ ପାଳନ କରାଯାଉଛି। ଏଥିରେ କମିଟି ସଦସ୍ୟ ସୋମନାଥ ମିଶ୍ର, ନୂତନ ଦାସ, ଅର୍ଜୁନ ସାହୁ, ଅଙ୍କୁଶ ପାଣ୍ଡିଆ, ଜୟକୃଷ୍ଣ ମିଶ୍ର, ସନ୍ତୋଷ ପଟ୍ଟନାୟକ, ସନ୍ତୋଷ ସାହୁ, ଗୋବିନ୍ଦ ଶତପଥୀ, ବିନୋଦ କାଲସାଏ, ଅଭିଷେକ ଦାଶ, ସଞ୍ଜୀବ ସାହୁ ଉପସ୍ଥିତ ଥିଲେ।

# ପୋଲିସର ତନାଘନା, ଘଟଣାସ୍ଥଳରେ ତଦନ୍ତ

## ମହିଳାଙ୍କୁ ହତ୍ୟା ଘଟଣା

**ସଇଁତଲା, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଆମ୍ବପାଲି ଗ୍ରାମ ସମୀପ ଏକ ବିଲରୁ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା। ଡାକ୍ତରଖାନାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ମୃତା ଜାନକୀ ମହାନନ୍ଦ(୪୮)ଙ୍କ ପୁଅ ପଦ୍ମନାଭ ମହାନନ୍ଦ ତାଙ୍କ ମା'ଙ୍କୁ ହତ୍ୟା କରାଯାଇଥିବା ନେଇ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଅବନୀ ସାହୁ, ଏସଆଇ ସଙ୍ଗୀତା ବେକ, ପ୍ରସନ୍ନ ନାଏକ, ଥବିର ମହାରଣାଙ୍କ ସହ ବଲାଙ୍ଗୀର ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

ସୋମବାର ପୂର୍ବାହ୍ଣ ପ୍ରାୟ ୧୦ଟାରେ ଆମ୍ବପାଲି ଗ୍ରାମ ଗଣ୍ଡାପଡ଼ାର ଜାନକୀ ଗ୍ରାମଠାରୁ ଦୂରରେ ଥିବା ବିଲକୁ ଘାସ ବାଛିବା ପାଇଁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ସାନ ଝିଅ ପାଖଆଖରେ ମା'ଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ବିଲ ଭିତରେ ଜାନକୀ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକେ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ହେଲେ ଡାକ୍ତର ଜାନକୀଙ୍କୁ ମୃତ ଘୋଷଣା କରିଥିଲେ।



ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ଅବସରରେ ଶ୍ରଦ୍ଧାଳୁମାନେ ଗୋସେବା କରୁଛନ୍ତି।

# ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ

**ବଲାଙ୍ଗୀର ଅଫିସ, ୧।୧୧**

ମଙ୍ଗଳବାର ପବିତ୍ର ଗୋଷ୍ଠାଷ୍ଟମୀ ବା ଗୋପାଷ୍ଟମୀ ଅବସରରେ ବଲାଙ୍ଗୀର ଜିଲାର ସବୁଠୁ ପୁରୁଣା ପୃଥ୍ୱୀରାଜ ଗୋଶାଳାରେ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ଗୋଶାଳା ପରିସରରେ ଭଗବାନ ଶ୍ରୀକୃଷ୍ଣ ଓ ଗୋମାତାଙ୍କ ପୂଜନ କରିଥିଲେ। ସକାଳେ ଶ୍ରଦ୍ଧାଳୁମାନେ ଶ୍ରୀକୃଷ୍ଣ ଭାଗବାନଙ୍କ ଆଳତୀ ବନ୍ଦାପନା ଓ ପୂଜାର୍ଚ୍ଚନା ପରେ ଗୋସେବା କରିଥିଲେ। ଗୋମାତାଙ୍କ ପଞ୍ଚ ଉପଚାର ପୂଜା କରି ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ଦେଇଥିଲେ। ଏହା ସହିତ ଭକ୍ତ ମାନେ ତୁଲା ଦାନ ମଧ୍ୟ କରିଥିଲେ। ଭକ୍ତମାନେ ନିଜେ ଓଜନ ହୋଇ ନିଜ ଓଜନର ଦାନା ଗାଈମାନଙ୍କ ପାଇଁ ଦାନ କରିଥିଲେ । ୧୦୩ ବର୍ଷ ହେଲା ପୃଥ୍ୱୀରାଜ ଗୋଶାଳାରେ ଅସହାୟ ଗୋରୁଙ୍କ ସେବା କରାଯାଇଆସୁଛି।

ଗୋପାଷ୍ଟମୀ ଅବସରରେ ସ୍ଥାନୀୟ ଯାଦବ ଭବନ ଠାରେ ମଧ୍ୟ ଗୋପାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ବିଧି ଅନୁସାରେ ସକାଳୁ ଯାଦବ ସମାଜର କାର୍ଯ୍ୟକାରୀ ସଭାପତି ଦୁତିବାହନ ଚନ୍ଦନ ଗୋମାତାଙ୍କ ପୂଜାର୍ଚ୍ଚନା କରି ମହାଆଳତି ଦେଇଥିଲେ। ଯାଦବମାନଙ୍କ ଦ୍ୱାରା କେଉଁ ଆବହମାନ କାଳରୁ ଗୋସେବା କରାଯାଇଆସୁଛି। ଆଜି କିନ୍ତୁ ଗୋସୁରକ୍ଷା ବିପନ୍ନ ହୋଇପଡିଛି। ଏଣୁଏହି ସମୟରେ ଯାଦବମାନେ ଗୋସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ଉଚିତ୍ ବୋଲି ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୌରାଞ୍ଚଳ କାର୍ଯ୍ୟକାରୀ ସଭାପତି ଖରତମଲ ରାଉତ, ପୌରାଞ୍ଚଳ ସହସମ୍ପାଦକ ଅଷ୍ଟମୀ ବର୍ଗର୍ତ୍ତି, ପ୍ରଶାନ୍ତ ମହାକୁର, ଆକୁଳ ବର୍ଗର୍ତ୍ତି, ଘାସିରାମ ଦୀପ, ସାନ ଜାଲ, ଟୁନା ନାଥ, ସଞ୍ଜୀବ କୁଅଁର, ବଡ ବାଗ, ଶ୍ରୀକାନ୍ତ ପୋଡ, ଆକୁଳ ବର୍ଗର୍ତ୍ତି ଓ ମାଲୁ ଉପସ୍ଥିତ ରହି ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ।

# ଭାରତ ମୁକ୍ତିମୋର୍ଚ୍ଚାର ବିକ୍ଷୋଭ

**ନୂଆପଡ଼ା ଅଫିସ,୧।୧୧**

ନୂଆପଡା ସଦର ମହକୁମାସ୍ଥିତ ସିରତୋଲ ଭିମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିଠାରୁ ଭାରତ ମୁକ୍ତି ମୋର୍ଚ୍ଚା ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଜିଲା ସଂଯୋଜକ ଧର୍ମରାଜ ନାଗବଂଶିଙ୍କ ନେତୃତ୍ୱରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ପୂର୍ବରୁ ଏକ ଶୋଭାଯାତ୍ରା ବାହାରି ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ଆରଏସଏସ ବିରୋଧୀ ନାରା ଦେଇ ସହର ପରିକ୍ରମା କରିଥିଲେ। ୧୪ ଦଫା ସମ୍ବଳିତ ଦାବି ନେଇ ବୁଦ୍ଧିଷ୍ଟ ଇଂଟରନ୍ୟାଶନାଲ ନେଟୱାର୍କ, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା, ଭାରତୀୟ ବିଦ୍ୟାର୍ଥୀ, ଯୁବ, ବେରୋଜଗାର ମୋର୍ଚ୍ଚା, ରାଷ୍ଟ୍ରୀୟ ମୂଳ ନିବାସୀ ମହିଳା ସଂଘ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ରାଷ୍ଟ୍ରୀୟ ମାଇନୋରିଟି ଏବଂ ସମସ୍ତ ସହଯୋଗୀ ସଙ୍ଗଠନ ଦେଶବ୍ୟାପି ଆନ୍ଦୋଳନ ଜାରି ରଖିଛନ୍ତି। ନଭେମ୍ବର ୬ରେ ରାଷ୍ଟ୍ରବ୍ୟାପି ଜେଲଭରୋ ଆନ୍ଦୋଳନ ହେବ। ଇଭିଏମ ହଟାଅ ଦେଶ ବଞ୍ଚାଅ, ସମ୍ବିଧାନ ବଦଳାଇବା ଷଡଯନ୍ତ୍ର ବନ୍ଦକର, ଓବିସିମାନଙ୍କ ଜାତି ଭିତିକ ଜନଗଣନା କରାଯାଉ, ଶ୍ରମିକ ବିରୋଧୀ କଳା ଆଇନ ବନ୍ଦ କର ଇତ୍ୟାଦି ଦାବି କରି ନାରା ଦେଇଥିଲେ। ହୃଦୟ ସୁନାନୀ, ପୁଷ୍ପାଲତା ସୁନାନୀ, ନିରଥ ନାଏକ, ସୁବ୍ରତ ବଘେଲ ପ୍ରମୁଖ ସହଯୋଗ କରିଥିଲେ।

# ପୋଲିସର ଦାଦନ ଉଦ୍ଧାର ସଚେତନତା

**ଟିଟିଲାଗଡ, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳବାଇ ଇନଷ୍ଟିଚ୍ୟୁଟ ପରିସରରେ ଦାଦନ ମିଶନ ଉଦ୍ଧାର କାର୍ଯ୍ୟକ୍ରମକ୍ରମେ ଏକ ସଚେତତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ପୋଲିସ, ଆରପିଏଫ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ସ୍ୱେଚ୍ଛାସେବୀ ସଂଗଠନ ଏଡ଼ ଏଟ ଏକ୍ସନ ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି । କାର୍ଯ୍ୟ କ୍ଷେତ୍ରରେ ସେମାନେ ନିର୍ଯାତିତ ହେବା ସହ ଅନେକ ସମସ୍ୟା ର ସମ୍ମୁଖୀନ ହେଉଥିବା ଅଭିଯୋଗ ଆସୁଛି। ଏମିତିକି ନାବାଳକଙ୍କୁ ଇଟାଭାଟିରେ ନିର୍ଯାତନା ଦିଆଯାଉଛି। ଏହାକୁ ରୋକିବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା କହିଛନ୍ତି ଏସଡିପିଓ ଅଙ୍କିତା କୁମ୍ଭାର। ସଚେତନ ନାଗରିକ ଦାଦନ ଚାଲାଣ ରୋକିବା ପାଇଁ ପ୍ରଶାସନକୁ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ବେଆଇନ ଶ୍ରମିକ ଚାଲାଣ ସମ୍ପର୍କରେ ପୋଲିସକୁ ଜଣାଇଲେ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଏସଡ଼ିପିଓ କୁମ୍ଭାର କହିଥିଲେ । ଏହି ସଚେତନତା ସଭାରେ ବଲାଙ୍ଗୀର ସାଇବର ଇନ୍ସପେକ୍ଟର ଭାରତୀ ନାୟକ, ଟିଟିଲାଗଡ଼ ଥାନା ଅଧିକାରୀ ରଞ୍ଜନ ବରିହା, ଟିଟିଲାଗଡ଼ ରେଳ ସୁରକ୍ଷା ବଳ ଅଧିକାରୀ ଧର୍ମେନ୍ଦ୍ର ମିଶ୍ରା, ଏଡ଼ ଏଟ ଆକ୍ସନର ରାଜ୍ୟ ମୁଖ୍ୟ ସରୋଜ ବାରିକ, ଜିଲା ପରାମର୍ଶଦାତା ସନ୍ଧ୍ୟାରାଣୀ ପତି ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଇବର ସେଲ ସବଇନ୍ସପେକ୍ଟର ଅଭିନାଶ ନାୟକ, ଟିଟିଲାଗଡ଼ ଥାନା ସବ ଇନ୍ସପେକ୍ଟର ନରେନ୍ଦ୍ର ଛତ୍ର, କାର୍ତ୍ତିକ ପ୍ରଧାନ, ରେଳ ସୁରକ୍ଷା ବଳ ସବଇନ୍ସପେକ୍ଟର ଅଜୟ ସ୍ୱାଇଁ, ସନ୍ତୋଷ ମିନା ପ୍ରମୁଖ ଉପସ୍ଥିତ ଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଗୁଡ଼ଭେଲା,୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ବିଜୁ ଜନତାଦଳ ପକ୍ଷରୁ ମଙ୍ଗଳବାର ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଡୁଙ୍ଗିବାହାଲରୁ ଦେଉଳଗୁଡି ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଦେଉଳଗୁଡିଠାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ ବିଧାୟିକା ତଥା ରାଜ୍ୟ ଜଳସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକରୁ ଲୋକେ କିପରି ଅଧିକରୁ ଅଧିକ ଲାଭାନ୍ୱିତ ହୋଇ ପାରିବେ ତାହା ଉପରେ ଯୋର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା, ରାମନିବାସ ଅଗ୍ରୱାଲ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।




ଦେଉଳଗୁଡି ଅଭିମୁଖେ ବାହାରି ଥିବା ପଦଯାତ୍ରାରେ ମନ୍ତ୍ରୀ ଟୁକୁନୀ ସାହୁ ଓ ବିଜେଡି ନେତା।

# ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ଦାବିପତ୍ର

**ବଲାଙ୍ଗୀର ଅଫିସ, ୧।୧୧**

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଏବଂ ଓଡିଶା କର୍ମଚାରୀ ସଂଗ୍ରାମ ସମିତି ମିଳିତ ଆନୁକୂଲ୍ୟରେ ଅସ୍ଥାୟୀ କର୍ମଚାରୀଙ୍କ ଚାକିରୀ ସ୍ଥାୟୀ କରିବା ଦାବିନେଇ ସଂଘ ସଦସ୍ୟମାନେ ମଙ୍ଗଳବାର ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧୯୯୪ ମସିହାରୁ ଏହି ବିଭାଗରେ ଅସ୍ଥାୟୀ କର୍ମଚାରୀଭାବେ ସିଏଲଆର, ଏଚ୍‌ଆର ଏବଂ ଡିଏଲଆର ସ୍ୱଳ୍ପ ବେତନରେ କାମ କରିଆସୁଛନ୍ତି। ଦୀର୍ଘ ୨୫/୩୦ ବର୍ଷ କାମ କରିବା ପରେ ଏହି କର୍ମଚାରୀମାନେ ବାରମ୍ବାର ଚାକିରୀ ସ୍ଥାୟୀ କରିବାକୁ ସରକାରଙ୍କୁ ନିବେଦନ କରିଆସୁଛନ୍ତି। ଏହାସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ନାର୍ଯ୍ୟ ଦାବିକୁ ଅଣଦେଖା କରିଆସୁଛନ୍ତି। ସ୍ୱଳ୍ପ ଦରମାରେ ଏହି ଅସ୍ଥାୟୀ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇ ସେମାନଙ୍କ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏଭଳି ସମୟରେ ରାଜ୍ୟ ସରକାର ଅସ୍ଥାୟୀ କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସଦସ୍ୟଙ୍କ ଅସ୍ଥାୟୀ ଚାକିରିକୁ ସ୍ଥାୟୀ କରିନାହାନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ସଂଘର ଦାବିକୁ ଗ୍ରହଣ କରିବା ସହ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଦାବି ଜଣାଇଛନ୍ତି। ଦାବିପୂରଣ ନହେଲେ ସଂଘ ଗଣଧାରଣା ଦେବାକୁ ବାଧହେବ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ବେଳେ ସମ୍ବଲପୁର ଜୋନ ସମ୍ପାଦକ ସଦାଶିବ ବିଶୋଇ, ବଲାଙ୍ଗୀର ଶାଖା ସମ୍ପାଦକ ମନବୋଧ ସାହୁ, ସହସମ୍ପାଦକ ବନମାଳୀ ମିଶ୍ର, ସହଖଣ୍ଡ ସମ୍ପାଦକ ବ୍ରଜଲାଲ ଦେବତା, ଦୁର୍ଗା ସାହୁ, ଭକ୍ତ ତରିଆ, ସୁଶୀଳ ସେଠ, ସୁରୁ ବନ୍‌ଛୋର, ଆନନ୍ଦ ନାୟକ ନାଭି ସେଠ, ପ୍ରଦୀପ ଷଡଙ୍ଗୀ, ସତ୍ୟନାରାୟଣ ବଗର୍ତ୍ତା, ୟାକୁବ୍ ଖାନ୍ ଗୋପାଲଜୀ ହୋତା, ଅକ୍ଷୟ ବହିଦାର, ମଳୟ ଦର୍ଜୀ ଉପସ୍ଥିତ ଥିଲେ।




ବୈଠକରେ ମଞ୍ଚାସୀନ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ପ୍ରତିନିଧି ମଣ୍ଡଳୀ।

**ବୁଡେନରେ ନୂଆଁ ମନ ନୂଆଁ ସପନ**

ପଦ୍ମପୁର (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡେନ ପୋଲିସ ପକ୍ଷରୁ ଆମ୍ବଦହନ ଲେର୍ଦାପାଲିଠାରେ ମଙ୍ଗଳବାର ନୂଆଁ ମନ ନୂଆଁ ସପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ମନୋଜ ପ୍ରଧାନ, ଦହିତା ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଅଶୋକ ମେହେର ଓ ସହକର୍ମୀ ଯୋଗଦାନ କରି ପୋଲିସ ସହ ସୁସମ୍ପର୍କ ରଖିବାକୁ ମତ ଦେଇଥିଲେ। ଯୁବ ଗୋଷ୍ଠୀ, ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ରମାନଙ୍କୁ ପୋଲିସ ପକ୍ଷରୁ କମ୍ବଳ, ଛତା, ପାଠ୍ୟୋପକରଣ, ଖେଳ ସରଞ୍ଜାମ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ବିନିକା ଗସ୍ତ

ବିନିକା, ୧।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଆରଏମସି ସଭାଗୃହରେ ମଙ୍ଗଳବାର ଚାଷୀମାନଙ୍କ ସହିତ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ, ଅର୍ଥ ଓ ସାଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ଅବୋଲି ସୁନିଲ ନରୱଣେ ଏକ ବୈଠକ କରିଥିଲେ। ଧାନ, ମାଛ, ଗୋ ପାଳନରେ କିପରି ଉନ୍ନତି ହୋଇପାରିବ ଏବଂ ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ମାର୍ଗଦର୍ଶନ ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ଦିଆଯାଇଥିବା ଅନୁଦାନର କାର୍ଯ୍ୟକାରିତା ଉପରେ ତଦାରଖ କରାଯାଇଥିଲା।

### ବିଗ୍ରହ ପ୍ରତିଷ୍ଠା ପାଇଁ ଆସିଲା ଆଜ୍ଞାମାଳ

ବିନିକା ୧।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହର ଗଡଭିତରଠାରେ ଥିବା ମା' ନାରାୟଣୀଙ୍କ ପାର୍ଶ୍ୱ ମନ୍ଦିର ବେଢାରେ ଥିବା ପାର୍ଶ୍ୱ ନବ ଦୁର୍ଗା ବିଗ୍ରହ ପ୍ରତିଷ୍ଠା ପାଇଁ ଆଜ୍ଞାମାଳ ଅଣାଯାଇଛି। ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ନାରାୟଣୀ ମନ୍ଦିରକୁ ଆସିଥିଲେ। ସୁବାସ ପଣ୍ଡା ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସାମାଜିକ କର୍ମୀ ସୋମନାଥ ମିଶ୍ର, ଶୀତଳ ମହାକୁଡ଼ ପ୍ରମୁଖ ଯୋଗଦେଇ ଥିଲେ।

### ସ୍ୱତନ୍ତ୍ର ସମବାୟ ସମିତି କରିବାକୁ ଦାବି

ସରଣ୍ଡା,୧।୧୧(ଡି.ଏନ.ଏ.): ବରଗଡ଼ ଜିଲା ଲହଣ୍ଡା ସେବା ସମବାୟ ସମିତିରୁ ପୃଥକ୍ କରି ଗୋଡ଼ଭଗା ଗ୍ରାମପଞ୍ଚାୟତକୁ ଏକ ନୂତନ ସେବା ସମବାୟ ସମିତି କରିବା ପାଇଁ ଦାବି ଜୋର୍ ଧରିଛି। ଏହି ମର୍ମରେ କୁଳମଣି ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ବରଗଡ଼ ଉପନିବନ୍ଧକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ରେଜିଷ୍ଟ୍ରାର, କୋ ଅପରେଟିଭ ସୋସାଇଟି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ନୂତନ ଭାବେ ସମବାୟ ସମିତି ଗଠନ ପାଇଁ ଦର୍ଶାଯାଇଛି। ବର୍ତ୍ତମାନ ଲହଣ୍ଡା ସେବା ସମବାୟ ସମିତିର ଦୂରତା ଗୋଡଭଗାଠାରୁ ପ୍ରାୟ ୧୦ କି.ମି.ରୁ ଊର୍ଦ୍ଧ୍ୱ ହେବ। ଲହଣ୍ଡା ଯିବା ପାଇଁ ରାସ୍ତାରେ ରେଲୱେ ଫାଟକ ପଡୁଥିବା ବେଳେ ବାକି ରାସ୍ତା ନିଛାଟିଆ ଅଟେ। ଏଥିପାଇଁ ସଭ୍ୟମାନେ ଅନେକ ଥର ରାହାଜାନିର ଶିକାର ହୋଇଛନ୍ତି। ଅନ୍ୟପକ୍ଷେ ଗୋଡଭଗା ଛକରେ ସମବାୟ ସମିତିର ଏକ ସ୍ୱତନ୍ତ୍ର ଗୃହ ମଧ ରହିଛି। ଏଠାରେ ସମବାୟ ସମିତି ସୁରୁଖୁରୁରେ ଚାଲିପାରିବ। କୁଜପାଲି ଗ୍ରାମ ଗୋଡଭଗା ଗ୍ରାମପଞ୍ଚାୟତରେ ଥିଲେ ମଧ ସେହି ଗ୍ରାମକୁ ଲରମ୍ବା ସମବାୟ ସମିତିକୁ ନିଆଯାଇଛି। ତାକୁ ମଧ ଗୋଡଭଗା ଗ୍ରାମପଞ୍ଚାୟତରେ ମିଶାଇ ଗୋଡଭଗାକୁ ଏକ ନୂତନ ସେବା ସମବାୟ ସମିତି କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଆରଏମ୍‌ସିର ଡାଇରେକ୍ଟର କୁଳମଣି ପ୍ରଧାନ, ଲରମ୍ବା ସେବା ସମବାୟର ପୂର୍ବତନ ସଭାପତି ଅଶ୍ୱିନୀ ପ୍ରଧାନ, ଲହଣ୍ଡା ସେବା ସମବାୟ ସମିତିର ପୂର୍ବତନ ସଭାପତି ଦିବ୍ୟକିଶୋର ଭୋଇ, ଲାୟନ୍ସ କ୍ଲବ ସଭାପତି ଦେବବ୍ରତ ରଥ, ସୁରେଶ କୁମାର ଦାଶ, ନାଗରିକ କମିଟି ସଭାପତି ହାରାଧନ ବାରିକ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବ୍ଲାଷ୍ଟିଂ କରି ମାଛ ଧରିବାକୁ ବିରୋଧ

ସୋନପୁର,୧।୧୧(ନି.ପ୍ର.)



ମହାନଦୀ ସୁରକ୍ଷା କମିଟି କର୍ମକର୍ତ୍ତା ଏସ୍‌ପିଙ୍କୁ ଭେଟିବାକୁ ଯାଉଛନ୍ତି।

ମହାନଦୀରୁ ମାଛ, ଚିଙ୍ଗୁଡି ଧରିବା ପାଇଁ ଚାଲିଛି ବେଆଇନ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ। ମୁଷ୍ଟିମେୟ ଅଣପାରମ୍ପରିକ ମତ୍ସ୍ୟଜୀବୀ ସୁବିଧାରେ ମାଛ ଧରିବା ପାଇଁ ନଦୀଗର୍ଭରେ ଡିନାମାଇଟ୍ ଫୁଟାଉଛନ୍ତି। ବିସ୍ଫୋରଣ ଯୋଗୁ ମାଛ ମରି ପାଣିରେ ଭାସୁଛନ୍ତି। ସେହିପରି ଚିଙ୍ଗୁଡି ଧରିବା ପାଇଁ ବିଷାକ୍ତ କୀଟନାଶକ ପ୍ରୟୋଗ କରାଯାଉଛି। ମାଛ, ଚିଙ୍ଗୁଡି ମରି ପାଣିରେ ଭାସିବା ପରେ ଅଣପାରମ୍ପରିକ ମତ୍ସ୍ୟଜୀବୀ ଏଗୁଡ଼ିକୁ ବଜାରରେ ବିକ୍ରି କରୁଛନ୍ତି। ତେବେ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଦ୍ୱାରା ମାଛ ବଂଶ ଲୋପ ପାଇ ଯାଉଛନ୍ତି। ଫଳରେ ମହାନଦୀ କୂଳରେ ବସବାସ କରି ପାରମ୍ପରିକ କୌଶଳରେ ମାଛ ମାରୁଥିବା କୈବର୍ତ୍ତ୍ୟମାନେ ଆଗଭଳି ମାଛ ପାଉନାହାନ୍ତି। ସେମାନଙ୍କ ଜୀବିକା ଏବେ ସଙ୍କଟରେ। ମାଛ ଧରି ଜୀବିକା ନିର୍ବାହ କରୁଥିବା ଶତାଧିକ ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗା ଏବେ ଅଦରକାରୀ ହୋଇପଡିଛି।
ସୋନପୁର ସହରର ଟିକିରିପଡା, ତଳପଡା, ତରିଆପଡା ଓ ସଡକପଡାରେ ବସବାସ କରୁଥିବା ୧୫୦ ମତ୍ସ୍ୟଜୀବୀ ପରିବାର କର୍ମସଂସ୍ଥାନ ହରାଇ ଏବେ ଚିନ୍ତାରେ ଅଛନ୍ତି। ଚଳିତ ବର୍ଷ ବର୍ଷାଋତୁ ପରେ ପ୍ରଥମ ଥର ପାଇଁ ମହାନଦୀରେ ଜଳସ୍ତର ସାମାନ୍ୟ କମିଛି। ଏହି ସୁଯୋଗରେ ଅକ୍ଟୋବର ୨୦ତାରିଖଠାରୁ ନଦୀଗର୍ଭରେ ପୁଣି ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ବୃଦ୍ଧି ପାଇଛି। ଏହାକୁ କେନ୍ଦ୍ର କରି ମତ୍ସ୍ୟଜୀବୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଦ୍ୱାରା

**ଏସ୍‌ପିଙ୍କୁ ଭେଟିଲେ ମହାନଦୀ ସୁରକ୍ଷା କମିଟି କର୍ମକର୍ତ୍ତା**

ଗଠିତ ମହାନଦୀ ସୁରକ୍ଷା କମିଟି ପକ୍ଷରୁ ଏଭଳି ବେଆଇନ୍ ଭାବେ ମାଛ ମାରିବାକୁ ବିରୋଧ କରାଯାଇଛି । ମଙ୍ଗଳବାର କମିଟିର କର୍ମକର୍ତ୍ତା ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କୁ ଭେଟି ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ବେଆଇନଭାବେ ମାଛ ମରା ବନ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି। ଏସ୍‌ପି ପଣ୍ଡା ନଦୀକୂଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଞ୍ଚ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚ ସଦସ୍ୟ ତଥା କାଉନସିଲର ଗଙ୍ଗାଧର ତରିଆ, ବାବୁଲି ଦଣ୍ଡସେନା, ବୁଢା ନାଏକ, ଦେବେନ୍ଦ୍ର ନାଥ ପାଣ୍ଡେ, ରାମେଶ୍ୱର ତରିଆ, ଗୋପିନାଥ ମଲ୍ଲିକ, ହୃଷିକେଶ ତରିଆ, ସୁଦାମ ନାଏକ ଓ ଅଜୟ କୁମାର ସେଠୀ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ।

# ଗୋକୁଳାଷ୍ଟମୀ ଯାତ୍ରା ପାଇଁ କଂସ ବରଣ

ବିନିକା, ୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଫୁଲମୁଠି ବ୍ରଜ ବିହାରୀ ନାଟ୍ୟ ସଂସଦ ତରଫରୁ ଆସନ୍ତା ୨୮ତାରିଖରୁ ୮ଦିନ ଧରି ଗୋକୁଳାଷ୍ଟମୀ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଆୟୋଜିତ ହେବାକୁ ଥିବା କଂସ ଦରବାର ପାଇଁ କଂସ ଅଭିନେତା ବରଣ କାର୍ଯ୍ୟକ୍ରମ ମଙ୍ଗଳବାର କରାଯାଇଛି। ଏହି ଅବସରରେ ଯାତ୍ରା କମିଟି ସଭାପତି ଆନନ୍ଦ କୁମାର ହୋତାଙ୍କ ନେତୃତ୍ୱରେ ଯାତ୍ରା କମିଟି ସଦସ୍ୟ ଓ ଗ୍ରାମବାସୀ ଗୋପେଶ୍ୱର ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଅନ୍ତର୍ଡା ଗ୍ରାମରେ ପହଞ୍ଚିଥିଲେ। ସ୍ଥାନୀୟ ଗ୍ରାମ୍ୟ ମଣ୍ଡପରେ ଆୟୋଜିତ ଉତ୍ସବରେ ଅଭିନେତା ଗୋପାଳ ପଣ୍ଡାଙ୍କୁ କଂସ ଭାବେ ବରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯାତ୍ରା ଉଦ୍ୟୋକ୍ତା ସଙ୍ଘଠକ ଭୀମସେନ ସାହୁ, ଗଣେଶ ରାମ ଦାଶ, ଯୁଧିଷ୍ଠିର ଦାଶ, ରାଜାରାମ ମିଶ୍ର, ବୃନ୍ଦାବନ ଦାଶ, ମହେଶ୍ୱର ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ୧୪୧ବର୍ଷ ଧରି ବ୍ରଜ ବିହାରୀ ନାଟ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ଯାତ୍ରାର ମହୁଲଟିକ୍ରା ପଡ଼ିଆ ମଥୁରା ନଗରୀ, ଫୁଲମୁଠି ଗୋପପୁର ଭାବେ ପ୍ରତୀୟମାନ ହୋଇଥାଏ।



ଆୟୋଜକଙ୍କ ତରଫରୁ କଂସ ଅଭିନେତାଙ୍କୁ ବରଣ କରାଯାଉଛି।

# ବିନିକାରେ ହାତୀ ଉପଦ୍ରବ

ବିନିକା, ୧।୧୧(ଡି.ଏନ.ଏ.)

- ଧାନ ଫସଲ ଖାଇଲେ, ଦଳିଚକଟି ନଷ୍ଟ କଲେ
- ପୁନଃ ଟେଣ୍ଡର ଆହ୍ୱାନ କରାଯିବ: ନିବାହୀଯନ୍ତ୍ରୀ

ସୁବର୍ଣ୍ଣପୁର ଜିଲା ବିନିକା ସହରର ସମୀପ ତାରାପୁର, ଉର୍ଲେ, ବରଙ୍ଗା ମୌଜାକୁ ହାତୀପଲ ପଶି ଆସିଥିଲେ। ସୋମବାର ରାତିରେ ଉଲୁଣ୍ଡା ପଟୁ ମହାନଦୀ ଡେଇଁ ୩୦ରୁ ୩୫ଟି ହାତୀ ପାପକ୍ଷୟ ରାସ୍ତାରେ ଥିବା ଆଦର୍ଶ ବିଦ୍ୟାଳୟ ଏବଂ ବିଦ୍ୟୁତ୍ ଗ୍ରୀଡ ମଧ୍ୟମସ୍ଥଳରେ ରହିଥିଲେ। ପ୍ରାୟ ୭ରୁ ୮ଘଣ୍ଟା ସମ୍ପୃକ୍ତ ଅଞ୍ଚଳରେ ହାତୀପଲ ରହିବା ଫଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଅମଳ ଅବସ୍ଥାରେ ଥିବା ଧାନ କ୍ଷେତରେ ପଶି ଖାଇବା ସହ ଦଳିଚକଟି ପକାଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅମଳ ଅବସ୍ଥାରେ ଥିବା ଧାନ ଫସଲକୁ ହାତୀମୁହଁରୁ କିପରି ବଞ୍ଚା ଯାଇପାରିବ ସେଥିପାଇଁ ଚାଷୀମାନେ ନିଆଁ ଲଗାଇ ରାତି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା। ଏପରିକି ପାପକ୍ଷୟ ରାସ୍ତାରେ ସାଧାରଣ ଲୋକଙ୍କ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ହାତୀଙ୍କ ଉପସ୍ଥିତି ଯୋଗୁ ସୁରକ୍ଷା କାରଣରୁ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରିଥିଲା ବିଦ୍ୟୁତ୍ ବିଭାଗ। ରେଞ୍ଜର ଉମ୍ବରୁଧର ପଧାନ ଓ ବିଭାଗୀୟ କର୍ମଚାରୀ ହାତୀପଲ ଯେପରି ଗାଁ ମୁହାଁ ନହେବେ ଲାଇଟ ପକାଇ, ଫୋଟକା ଫୁଟାଇ ଘଉଡାଇ ଥିଲେ। ରାତ୍ର ପ୍ରାୟ ୪ଟା ବେଳକୁ ହାତୀପଲ ନଦୀ ପାର ହୋଇ ପୁଣି ଉଲୁଣ୍ଡା ପଟକୁ ଚାଲି ଯାଇଛନ୍ତି। ଅନ୍ୟପକ୍ଷରେ ହାତୀ ଚଳାପଥ ସ୍ଥାନରେ ବନ ବିଭାଗ ତରଫରୁ ସୂଚନା ଫଳକ ଲଗା ଯାଇ ନଥିବାରୁ ଲୋକେ ସେମାନଙ୍କ ଚଳାଚଳ ସ୍ଥଳ ସମ୍ପର୍କରେ ଜାଣି ପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

# ମହିଳା ଡିଗ୍ରୀ କଲେଜରେ ଜାତୀୟ ଏକତା ଦିବସ

ସୋନପୁର,୧।୧୧(ନି.ପ୍ର.)

ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜରେ ଜାତୀୟ ଏକତା ଦିବସ, ଜାତୀୟ ବିପର୍ଯ୍ୟୟ ଓ ପ୍ରଶମନ ଦିବସ ଏବଂ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଏକତା ଦିବସ ଅବସରରେ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସୋମବାର ପ୍ରାକ୍ତନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିଚାରଣ କରିଥିଲେ। ସଞ୍ଜୁରାଣୀ ସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପୂର୍ଣ୍ଣିମା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପକ ଦୁଃଖିଶ୍ୟାମ ମେହେର ଏକତାର ମହତ୍ୱ ବିଷୟରେ ବୁଝାଇଥିଲେ। ଅଧାପକ ମଦନ ସୁନ୍ଦର ଖେତି ସର୍ଦ୍ଦାର ପଟେଲଙ୍କ ଦେଶପ୍ରେମ ତଥା ଅଖଣ୍ଡ ଭାରତ ନିର୍ମାଣରେ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଜାତୀୟ ବିପର୍ଯ୍ୟୟ ଏବଂ ପ୍ରଶମନ ଦିବସ କଲେଜ ଅଧ୍ୟକ୍ଷା ରୀତାରାଣୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରେଡକ୍ରସ ଶାଖା ଜିଲା ଉପସଭାପତି ଡକ୍ଟର ସତ୍ୟନାରାୟଣ ହୋତା ଯୋଗଦେଇ ଛାତ୍ରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା ବିଷୟରେ ବୁଝାଇଥିଲେ। ଯୁବ ରେଡକ୍ରସ ଜିଲା ସଂଯୋଜକ ଅଧାପକ ଉମାକାନ୍ତ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଉଦ୍ଧାର କାର୍ଯ୍ୟ କରାଯିବ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହିଳା କଲେଜ ଏନ୍‌ଏସ୍‌ଏସ୍‌ର ସଂଯୋଜିକା ସଞ୍ଜୁରାଣୀ ସିଂହ ଓ ଯୁବ ରେଡକ୍ରସ ସଂଯୋଜିକା ପୂର୍ଣ୍ଣିମା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିଶେଷଜ୍ଞ କମିଟିର ଉପକାରାଗାର ପରିଦର୍ଶନ

ସୋନପୁର,୧।୧୧(ନି.ପ୍ର.)

ଓଡିଶା ସରକାରଙ୍କ ଗୃହ ବିଭାଗ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗର ବିଶେଷଜ୍ଞ କମିଟି ସୋମବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲିଙ୍କ ତତ୍ତ୍ୱାବଧାନରେ ବିଶେଷଜ୍ଞ କମିଟି ସଭ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ଅବକାଶ ମିଶ୍ର, ରାଜୀବ ଲୋଚନ ଗୁରୁ, ହେମନ୍ତ କୁମାର ସା, ଜିଲା ଶିଶୁ ସୁରକ୍ଷା ବିଭାଗ ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଓ ଆଇନଜୀବୀ ଓମକାର ପ୍ରଧାନ ପ୍ରମୁଖ କାରାଗାର ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କମିଟିର ପରିଦର୍ଶନ ସମୟରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା। ଦୁଇ ଜଣ ଅନ୍ତେବାସୀଙ୍କ ବୟସ ୧୮ ବର୍ଷରୁ କମ୍ ଥିବା ସେମାନେ ଅଭିଯୋଗ କରିଥିଲେ। କାଗଜପତ୍ର ଯାଞ୍ଚ ପରେ ଏହାର ସତ୍ୟାସତ୍ୟ ଜଣାପଡିବ ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପରିଦର୍ଶନ ସମୟରେ ଉପକାରାଗାରର ଅଧୀକ୍ଷକ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ।



ସୋନପୁର ଉପକାରାଗାର ସମ୍ମୁଖରେ ବିଶେଷଜ୍ଞ କମିଟିର ସଭ୍ୟ ବୃନ୍ଦ।

# ଦୁର୍ନୀତି ନିବାରଣ ପାଇଁ ଶପଥ ନେଲେ



ସୁବଳୟାରେ ଦୁର୍ନୀତି ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମରେ ମହିଳା ସଦସ୍ୟା।

ଅମରପାଲି,୧।୧୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଦୁର୍ନୀତି ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜକୁ ଦୁର୍ନୀତିମୁକ୍ତ କରିବା ଲକ୍ଷ୍ୟରେ ସଚେତନତା ଶୋଭଯାତ୍ରା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବଳୟା ପଞ୍ଚାୟତସ୍ତରୀୟ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାନେତ୍ରୀ ମୀରା ବାରିକ ପୌରୋହିତ୍ୟ କରିଥିଲେ । ସମ୍ପାଦିକା ମାଧୁରୀ ମେହେର, ଏମବିକେ ବବିତାରାଣୀ ମହାପାତ୍ରଙ୍କ ସମେତ ସମସ୍ତ ସିଆରପି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଶପଥ ନେଇଥିଲେ। ସେହିପରି କେନଝିରିଆପାଲି, ମୁର୍ଛୁଣ୍ଡି, ବହଳପଦର, ଦୁର୍ଜନଟୈଲା, ଲୁଡୁରପଙ୍କ, ଖଣ୍ଡହତା, ହିଲୁଙ୍ଗ, ଚମ୍ପାମାଳ, କମିରା, ସଂଗ୍ରାମପୁର, ପିତାମହୁଲ, ଉଫୁଲା, ବାଗବର ଓ ଜଟେସିଙ୍ଘା ପଞ୍ଚାୟତରେ ମହିଳା ସ୍ୱୟଂସହାଯୀକା ଗୋଷ୍ଠୀ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ମହିଳାମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ଗ୍ରହଣ କରିଥିଲେ। ପ୍ରତ୍ୟେକ ସ୍ଥାନରେ ମହିଳା ସ୍ୱୟଂ ସହାୟିକା ଦଳ ସଦସ୍ୟାମାନେ ଦୁର୍ନୀତି ନିବାରଣ ସ୍ଲୋଗାନ ଦେଇ ଗ୍ରାମ୍ୟ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ।

# ଜାମଟିକ୍ରାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଜାମଟିକ୍ରା,୧।୧୧(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ ନେହେରୁ ଯୁବକେନ୍ଦ୍ର ଓ ବାବେବିରା ଜୟନ୍ତୀ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତାବିରା ଏନ୍‌ଏସିର କାର୍ଯ୍ୟନିବାହୀ ଅଧିକାରୀ ଜୟକୃଷ୍ଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଦୀପ ପଧାନ, ଅମରେନ୍ଦ୍ର ମହାନ୍ତି, ଦିଲୀପ ବିଶ୍ୱାଳ, ଟୁନା କରାଲି, ସ୍ୱେଚ୍ଛାସେବୀ ଲିସା ପଧାନ, ବିକ୍ରମ କେଶରୀ ସାହୁ, ଅଶୋକ ବରିହା, ମୋହିତ ସ୍ୱାଇଁ, କାର୍ତ୍ତିକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପରେ ମେଡିକାଲ ପରିସର ସଫେଇ କରାଯାଇଥିଲା।

# ପାଲା ଓଡ଼ିଶାର ପ୍ରାଚୀନ ସଂସ୍କୃତି

ଅମରପାଲି,୧।୧୧(ଡି.ଏନ.ଏ.)

**ମାହେଶ୍ୱରୀ ପାଲା ପରିଷଦର ବାର୍ଷିକ ସମ୍ମିଳନୀ**

ପାଲା ହେଉଛି ଓଡିଶାର ପ୍ରାଚୀନ ସଂସ୍କୃତି। ପାଲା ମାଧ୍ୟମରେ ଓଡିଆ ସଂସ୍କୃତି, ପରମ୍ପରା, ଐତିହ ଆଦିର ପ୍ରଚାର ହୋଇଥାଏ। ଏବେ ପରିବର୍ତ୍ତିତ ପରିସ୍ଥିତିରେ ପାଲା ସଂସ୍କୃତି ଲୋକପ୍ରିୟ ହୋଇ ପାରୁନାହିଁ। ଏଣୁ ଏବେ ଏହି ସଂସ୍କୃତିକୁ ବଞ୍ଚାଇବାର ଆବଶ୍ୟକ ରହିଛି। ପାଲା ସଂସ୍କୃତିର ପ୍ରଚାର ପ୍ରସାର ହେଲେ ଓଡିଶାର ସଂସ୍କୃତି ବଞ୍ଚିବା ସହିତ ଓଡିଶା ସଂସ୍କୃତି ଲୋକାଲୋଚନକୁ ଆସିବ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ମାହେଶ୍ୱରୀ ପାଲା ପରିଷଦ ବାର୍ଷିକ ସମ୍ମିଳନୀର ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଏହି ମତ ରଖିଛନ୍ତି।
ମାହେଶ୍ୱରୀ ପାଲା ପରିଷଦ ସଭାପତି ସରଜୁ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ତହସିଲଦାର ପର୍ଶୁରାମ ପଣ୍ଡା, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ, ଜଗନ୍ନାଥ ମନ୍ଦିର ସଭାପତି ବିଷ୍ଣୁ ଚରଣ ପଣ୍ଡା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଦୁଇ ଦିନ ଧରି ଚାଲିଥିବା ଉକ୍ତ ସମ୍ମିଳନୀକୁ ପାଲା ପରିଷଦ ଉପଦେଷ୍ଟା ରାମକୃଷ୍ଣ ହୋତା ସଂଯୋଜନା କରିଥିଲେ। ଉଦଯାପନୀ ଉତ୍ସବରେ ୧୨ଟି ପାଲା ଦଳ ଅଂଶ ଗ୍ରହଣ କରିଥିଲେ। ସଂଘ ସମ୍ପାଦକ ଅଶୋକ କୁମାର ସାହୁ ବିବରଣୀ ପାଠ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ସନ୍ତୁଳିତ କୃଷି ଅର୍ଥନୀତି ପାଇଁ ଗୋପାଳନ ଜରୁରୀ

ଡୁଙ୍ଗୁରିପାଲି, ୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପ୍ରାଣୀ ଗୋଷ୍ଠୀ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ୭୧ତମ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତଥିଭାବେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଉପନିର୍ଦ୍ଦେଶକ ଡାକ୍ତର ରମେଶଚନ୍ଦ୍ର ପଧାନ, ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟନାୟକ ଯୋଗଦେଇଥିଲେ। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନନ୍ତ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶେଷ କୁମାର କର ମୁଖ୍ୟବକ୍ତାଭାବେ ଯୋଗଦେଇ ସନ୍ତୁଳିତ କୃଷି ଅର୍ଥନୀତି ପାଇଁ ଗୋପାଳନ ଜରୁରୀ ବୋଲି କହିଥିଲେ। ମୁଖ୍ୟ ଅତିଥି




ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ମଞ୍ଚାସୀନ ଅତିଥି ।

**ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ**

ମନ୍ତ୍ରୀ ପୂଜାରୀ ତାଙ୍କ ଅଭିଭାଷଣରେ ଗୋସମ୍ପଦ ବୃଦ୍ଧିରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏଥିସହିତ ଦେଶୀ ପ୍ରଜାତିର ଉନ୍ନତ କିସମର ଗାଈ ପାଳନ କରି ଚାଷୀମାନେ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲାର ଛଅଟି ବ୍ଲକରୁ ଗୋପାଳନ କରିଥିବା ସଫଳ ଚାଷୀ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉଲୁଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ପୁରୋହିତ ସଂଯୋଜନା କରିଥିଲେ। ଗୋପାଳନ ଉଦେଶ୍ୟରେ ଏକ ମନୋରଞ୍ଜନ କାର୍ଯ୍ୟକ୍ରମ ସତ୍ୟନାରାୟଣ ପାଲଙ୍କ ଦଳ ପରିବେଷଣ କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶୁଭେନ୍ଦୁସୁଧା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଝସକେତନ ପଶାୟତ, ଡୁଙ୍ଗୁରିପାଲି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତେଜରାଜ ବାଘ, ସହଯୋଗ କରିଥିଲେ। ଏହି ଉତ୍ସବରେ ତରଭା ବିଡିଓ ଡାକ୍ତର ଶ୍ୟାମସୁନ୍ଦର ପାଣ୍ଡେ, ବିନିକା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କମଳ ପଧାନ, ବିନିକା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ ସ୍ୱାଇଁ ଉପସ୍ଥିତ ଥିଲେ। ଡାକ୍ତର ରମେଶଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ସଭାଗୃହଠାରେ ମଙ୍ଗଳବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଭବାନୀପାଟଣା ଭିଜିଲାନ୍ସ ଇନିସ୍‌ପେକ୍ଟର ପ୍ରମିଳା ସୁନା, ଆଲୋକ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ସୁବାଷ ସାହୁ, ଜିପିଓ ଜୁଗଲ କିଶୋର ନାଏକ, ସିଆରସିସି ପ୍ରଶାନ୍ତ କୁମାର ମିଶ୍ର, ସମିତି ସଭ୍ୟା ଆରତୀ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପରମାନନ୍ଦ ମାଝି ପ୍ରମୁଖ ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ଶପଥ କରିବା ସହ ଦୁର୍ନୀତି ନିବାରଣ ପାଇଁ ଜନ ସଚେତନା ସୃଷ୍ଟି ଉପରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ଲାଞ୍ଜିଗଡ଼,୧।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳର କାଶିବାଡିରେ ଆଇଙ୍କ ସହିତ ଗାଧୋଇବାକୁ ଯାଇଥିବାବେଳେ ପୋଖରୀ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଖବର ଅନୁଯାୟୀ, ଲାଞ୍ଜିଗଡ଼ ନିକଟସ୍ଥ କାଶିବାଡ଼ିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ୨ ମାସ ତଳେ ମୃତ୍ୟୁ ଘଟିଥିବାବେଳେ ବିହାରରେ ରହୁଥିବା ତାଙ୍କ ଝିଅ ଓ ତାଙ୍କ ସ୍ୱାମୀ ସଞ୍ଜୟ କୁମାର ପରିବାର ସହିତ ଲାଞ୍ଜିଗଡ଼ ଆସିଥିଲେ। ବାପାଙ୍କ ଶୁଦ୍ଧିକ୍ରିୟା ସରିଯିବା ପରେ ବି ସେମାନେ ବିହାର ନ ଯାଇ କାଶିବାଡ଼ିରେ ରହୁଥିଲେ। ସଞ୍ଜୟଙ୍କ ଶାଶୁଙ୍କ ସହିତ ତାଙ୍କ ପୁଅ ବିଶାଲ କୁମାର (୯) ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ପାଣିରେ ବୁଡ଼ି ଯାଇଥିଲେ। ପହଁରା ଜାଣି ନ ଥିବା ଯୋଗୁ ସେ ପାଣି ପିଇ ବେହୋସ ହୋଇଯାଇଥିଲେ। ଆଇଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସି ଅଚେତ ଅବସ୍ଥାରେ ବିଶାଲଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗଞ୍ଜେଇ, ସ୍କୁଟି ଜବତ: ୨ ଗିରଫ

ନୂଆପଡ଼ା ଅଫିସ,୧।୧୧: ନୂଆପଡା ଜିଲା ଅବକାରୀ ବିଭାଗ ଖରିଆର ରୋଡରେ ପାଟ୍ରୋଲିଂ କରିବା ବେଳେ ୧୫ କିଲୋ ଗଞ୍ଜେଇ ଓ ସ୍କୁଟି ଜବତ କରିଛି। ଏହି ଅଭିଯୋଗରେ ଉତ୍ତରପ୍ରଦେଶର ବିକାଶ ନଗର ଏଚଏନ-୩୧୩ ଗାଁର ମନ୍ଦିପ କୁମାର ଗୁପ୍ତା (୨୩) ଓ ଅମୋଘପୁର ଗାଁର ମନିଶ କୁମାର (୨୩)ଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୂଆପଡା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ସୋମବାର ପୂର୍ବାହ୍ନରେ ଖରିଆର ରୋଡରେ ପାଟ୍ରୋଲିଂ କରୁଥିଲେ। ଜଲାରାମ ମନ୍ଦିର ନିକଟରେ ୨ଜଣ ଏକ ଜରି ବ୍ୟାଗ ରଖି ସ୍କୁଟିରେ ଯାଉଥିବା ବେଳେ ସନ୍ଦେହରେ ପଚରାଉଚରା କରି ବ୍ୟାଗ ତଲାସି କରିଥିଲା। ୨ଜଣଙ୍କୁ ନୂଆପଡାସ୍ଥିତ ଅବକାରୀ କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରିବା ପରେ ଜରି ବ୍ୟାଗରୁ ୧୫ କିଲୋ ୮୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହି ସମୟରେ ଆଇଇ ହିଜରାବତି ଥାଟି, ଏସଆଇ ମଙ୍ଗଳ ଛତ୍ରିଆ, ଏଏସଆଇ ହିଙ୍ଗୁଲା ଦାସ, କ୍ଷେତ୍ରମଣି ବାଗ, ଗିରେନ୍ଦ୍ର କଟା, ମଳୟ ମହାଲିଙ୍ଗ, ଦେବି ମାଝି, ମୁରଲି ଶବର, ପୂର୍ଣ୍ଣିମା କନୱାର, ରିତା ଶବର ପ୍ରମୁଖ ଉପସ୍ଥିତ ଥିଲେ।

### କୁମ୍ଭ ଗୌନ୍ତିଆଙ୍କ ପରଲୋକ

କୋକସରା,୧।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁମ୍ଭ ଗ୍ରାମର ଗୌନ୍ତିଆ ଶମ୍ଭୁ ପ୍ରସାଦ ପଣ୍ଡାଙ୍କ (୬୪) ବର୍ଷ ବୟସରେ ମଙ୍ଗଳବାର ଭବାନୀପାଟଣାଠାରେ ଚିକିତ୍ସାଧୀନ ଅବସ୍ଥାରେରେ ପରଲୋକ ହୋଇଛି। ତାଙ୍କ ପାର୍ଥିବ ଶରୀରକୁ କାଉଡୋଲା ପଞ୍ଚାୟତ କୁମ୍ଭ ଆଣିବା ପରେ ତାଙ୍କ ଆତ୍ମୀୟ ସଜନ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ଶବଧାରରେ ଶହ ଶହ ଗ୍ରାମବାସୀ ଉପସ୍ଥିତ ରହିଥିବା ବେଳେ ତାଙ୍କ ପୁତୁରା ଡ.ନିହାରକାନ୍ତ ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ ଜଣେ ସମାଜ ସେବୀ, ପରୋପକାରୀ, ଧାର୍ମିକ ସ୍ୱଭାବ ବ୍ୟକ୍ତି ଥିଲେ। ଗ୍ରାମ ଗୌନ୍ତିଆଙ୍କ ପରଲୋକ ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

# ପରିବାରର ଜଣଙ୍କୁ ଛାଡ଼ି ସମସ୍ତେ ଦିବ୍ୟାଙ୍ଗ

■ ଦୁଃଖ ତାଙ୍କ ପରିବାରର ପିଛା ଛାଡୁନି

■ ସରକାରୀ ସହାୟତା ଦାବି

ଭବାନୀପାଟଣା,୧।୧୧(ସ୍ୱ.ପ୍ର.)


ସରକାରୀ ସହାୟତା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେନାପତିଙ୍କ ପରିବାର।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ଗ୍ରାମର ବୃଦ୍ଧ ସେନାପତି ହରିଜନଙ୍କ ଅସହାୟ ପରିବାରକୁ ଦେଖିଲେ ଯେକୌଣସି ଲୋକଙ୍କ ଆଖିରେ ଲୁହ ଆସିବ। ତାଙ୍କ ପରିବାରରେ ଜଣକୁ ଛାଡି ଏବେ ସମସ୍ତେ ଦିବ୍ୟାଙ୍ଗ। ବୃଦ୍ଧ ସେନାପତିଙ୍କ ମସ୍ତିଷ୍କ ଠିକ ସେ କାମ କରୁ ନ ଥିବାବେଳେ ଶୁଣି ମଧ୍ୟ ପାରୁନାହାନ୍ତି କି ଚଲାବୁଲା ମଧ୍ୟ ସେ କରି ପାରୁନାହାନ୍ତି। ସ୍ତ୍ରୀ ପୂର୍ଣ୍ଣମୀ ଓ ସାନ ପୁଅ ସୁକରୁର ଆଖି ମଧ୍ୟ ଜନ୍ମରୁ ଦିଶୁ ନାହିଁ। ଫଳରେ ସେମାନେ ଅନ୍ଧକାର ଜୀବନ ବିତାଉଛନ୍ତି। କେବଳ ଜଣେ ମାତ୍ର ଝିଅ ଚନ୍ଦ୍ରମାଙ୍କ ଆଖିର ସାହାରରେ ଏମାନେ ସମସ୍ତେ ଅସହାୟ ଭାବେ ଜୀବନ ଯାପନ କରୁଛନ୍ତି। ଏହି ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ଥିବା ବଡ ପୁଅ ରଘୁରାମ ଅନ୍ଧ ହେବା ସ୍ଥଳେ ମଧ୍ୟ ପରିବାରକୁ ପ୍ରତିପୋଷଣ କରିବା ପାଇଁ ପ୍ରତ୍ୟହ ମାଗିଯାଚି ଯାଉଥିଲେ। ସେଥିରୁ ଯାହାକିଛି ଆଣିଲେ ସେଥିରେ ତାଙ୍କ ପରିବାର ଚଳୁଥିଲା। ହେଲେ ବିଧିର ବିଧାନ ଗତ ରବିବାର ହଠାତ୍ ତାଙ୍କର ମୃତ୍ୟୁ ଘଟିଥିଲା। ବଡପୁଅ ରଘୁରାମଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ଅସହାୟ ହୋଇପଡିଛି। ଏବେ ମା' ବାପା ଓ ସାନ ଭାଇଙ୍କ ସାହାର ପାଲଟିଛନ୍ତି ଝିଅ ଚନ୍ଦ୍ରମା। ଚନ୍ଦ୍ରମା ନବମ ଶ୍ରେଣୀରେ ପାଠ ପଢୁଥିଲେ। ହେଲେ ପରିବାର ବୋଝ ଓ ଆର୍ଥିକ ଅଭାବରୁ ତାଙ୍କ ପାଠ ପଢାରେ ଡୋରି ସାଜିଲା। ବର୍ତ୍ତମାନ ସେ ଆଉ ପାଠ ପଢିବାକୁ ଯାଉନାହାନ୍ତି। ବୃଦ୍ଧ ସେନାପତି ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀ ଭତ୍ତା ପାଉଥିବାବେଳେ ପୁଅ ସୁକୁଟୁ କିନ୍ତୁ ଭତ୍ତା ପାଉନାହିଁ। କାରଣ ସୁକୁଟୁଙ୍କ ପାଇଁ ଆଧାର କାର୍ଡ ବାଧକ ସାଜିଛି। ଆଖି ଦିଶୁ ନ ଥିବାରୁ ଆଧାର କାର୍ଡ ହେଉ ନ ଥିବାରୁ ତାଙ୍କୁ ଭତ୍ତା ମିଳୁ ନ ଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ସରକାରୀ ସହାୟତା ପାଇଁ ସୋମବାର ସେମାନେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଉପସ୍ଥିତ ନ ଥିବାରୁ ସେମାନେ ଦୁଃଖରେ ଘରକୁ ଫେରିଯାଇଥିଲେ। କିଛି ସରକାରୀ ସହାୟତା ପାଇଲେ ବଡ ଭାଇର ଦଶାହ କାର୍ଯ୍ୟ କରିବୁ ବୋଲି ଭଉଣୀ ଚନ୍ଦ୍ରମା ଅତି ଦୁଃଖରେ ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ଏହି ଅସହାୟ ପରିବାରକୁ ଦୃଷ୍ଟିଦେଇ ସହାୟତା କରିବାକୁ ସାଧାରଣରେ ଦାବି ହୋଇଛି।

ରିପୋର୍ଟ– ଉତ୍ତମ କୁମାର ଦାଶ

# ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର


ଡିଏଫଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା କେନ୍ଦୁପତ୍ର ତୋଳାଳି।

ଖଡ଼ିଆଳ,୧।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଡିଭିଜନ ପକ୍ଷରୁ ମଙ୍ଗଳବାର ବୋଡ଼େନ ଅଞ୍ଚଳର କେନ୍ଦୁପତ୍ର ତୋଳାଳି, ଗୋଛା କଟାଳିମାନେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦୁପତ୍ର ଡିଏଫଓ ପ୍ରତାପ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋଟଗାଁ ଫଡ଼ି ଅଞ୍ଚଳରେ ଅନେକ କେନ୍ଦୁପତ୍ର ଗୋଛାଥିଲେ ମଧ୍ୟ ସବୁ କଟା ଯାଉନାହିଁ। ପ୍ରଥମ ଦୁଇ ତିନି ଖର୍ଦ୍ଦରେ ଫଡ଼ିଘର ଭର୍ତ୍ତି ହୋଇଗଲେ ଆଉ ଭଲ ପତ୍ର ଆସୁଥିଲେ ମଧ୍ୟ ବନ୍ଦ କରି ଦିଆଯାଉଛି ବୋଲି ତୋଳାଳିମାନେ ଅଭିଯୋଗ କରିଥିଲେ। କୋଟଗାଁ ଫଡ଼ିକୁ ଭାଗ କରି ସୁନାମୁଦି ଗାଁରେ ଆଉ ଏକ ନୂଆ ଫଡ଼ି ଘର ପାଇଁ ଗ୍ରାମବାସୀ ଦାବି କରିଥିଲେ। ସୁନାମୁଦି ଗ୍ରାମରୁ କୋଟଗାଁ ଫଡ଼ି ସାଢ଼େ ୩ କି.ମି. ଦୂରତା ହେତୁ ତୋଳାଳିଙ୍କୁ ଅସୁବିଧା ହେଉଛି। ସୁନାମୁଦି ଗାଁରେ ଫଡ଼ି ଘର ହେଲେ କେନ୍ଦୁପତ୍ର ସଂଗ୍ରହ ବଢିବା ସହିତ ଲାଭ ବଢିବ ଓ ତୋଳାଳିମନେ ସିଧାସଳଖ ଉପକୃତ ହେବୁ ବୋଲି ଡିଏଫଓଙ୍କୁ ଜଣାଇଥିଲେ। ନୂଆପଡା, ତରବୋଡ଼, ବୋଡ଼େନର ପାଟଦରହା, ସିନାପାଲିର ନଙ୍ଗଲବୋଡ଼ ଅଞ୍ଚଳରେ ଅନେକ ଫଡ଼ି ଘର ଖୋଲାଯାଇ ପାରିବ ଓ ଡିଭିଜନର ହ୍ରାସ ପାଉଥିବା ଉତ୍ପାଦନ ବଢ଼ାଇବା ସହିତ ତୋଳାଳିଙ୍କୁ ଉପକୃତ କରାଯାଇପାରିବ ବୋଲି ଡିଭିଜନ ସମ୍ପାଦକ ପାଣିଗ୍ରାହୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରୁଦ୍ର ନାଗ, ମନମୋହନ ମାଝି, ଲଦୁଆ ମାଝି, ଗୁଣସାଗର ଧରୁଆ, କୁମର ଜଗତ, କ୍ଷୀରମଣି ମାଝି, ସୁମତି ମାଝି ପ୍ରମୁଖ ସାମିଲ ହୋଇଥିଲେ। ଗ୍ରାମକୁ ଯାଇ ଅନୁସନ୍ଧାନ କରିବୁ, ଯଦି ଯଥେଷ୍ଟ ଉତ୍ପାଦନ ସମ୍ଭାବନା ଥାଏ। ତେବେ ନୂତନ ଫଡ଼ି ଘର ଖୋଲାଯିବ ବୋଲି ଡିଏଫଓ ପ୍ରତିଶ୍ରୁତି ଦେଇଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଦୌଡ଼ ପ୍ରତିଯୋଗିତା


ଦୌଡ ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ରମାନେ।

ନୂଆପଡ଼ା ଅଫିସ,୧।୧୧

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ନୂଆପଡା, ଜିଲା ପ୍ରଶାସନ, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା, କେନ୍ଦ୍ରୀୟ ବିଦ୍ୟାଳୟଙ୍କ ମିଳିତ ଉଦ୍ୟମରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଜାତୀୟ ଏକତା ଦିବସ ପାଳନ କରାଯାଇ ଏକ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାଷ୍ଟ୍ରିୟ ଏକତା ଦିବସ ଅବସରରେ ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଗୋଷ୍ଠି ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, କେନ୍ଦ୍ରିୟ ବିଦ୍ୟାଳୟ ଅଧ୍ୟକ୍ଷା ଅନିତା ସାହା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲୌହ ମାନବ ପଟେଲ ଭାରତର ବିଖଣ୍ଡିତ ଗଡଜାତ ରାଜ୍ୟ ଗୁଡିକୁ ସାମିଲ କରି ଏକ ଶସକ୍ତ ଏବଂ ସମୃଦ୍ଧ ଭାରତ ଗଠନରେ ତାଙ୍କର ଭୂମିକାକୁ ସ୍ମରଣ ରଖିବା ଓ ଜାତି, ଧର୍ମ, ଭାଷାଗତ ଏବଂ ଆଞ୍ଚଳିକ ବୈଷମ୍ୟ ଭେଦଭାବ ଦୂରେଇ ଜାତୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବାର ସଂଦେଶ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦୌଡ ସମାପନ ପରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଚାଲିଥିବା ମାସ ବ୍ୟାପି ସ୍ୱଚ୍ଛ ଭାରତ ଅଭିଯାନର ସମାପନି ଦିବସରେ ନୂଆପଡା ମିନିଷ୍ଟାଡିୟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଚ୍ଛାସେବୀ, ଯୁବ ଅନୁଷ୍ଠାନ, ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁ ସବୁ ସଫା କରାଯାଇଥିଲା। ଏନୱାଇକେ ପୂର୍ବତନ ସେଚ୍ଛାସେବୀ କିଶୋର ପରିଡା, ଜାତୀୟ ଯୁବ ସେଚ୍ଛାସେବୀ ଭାରତୀ ଭୋଇ, ଜନକରାମ ପାଣ୍ଡେ, ପୁନ୍ନମ ଶବର, ପ୍ରେମଲାଲ ଆଡବଙ୍ଗ, ବିଶାଖା ହରିଜନ, ଶିକ୍ଷକ ମୋହନ କୁମାର ମହନ୍ତ, ମଧୁସୁଦନ ନାଏକ, ସର୍ବେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଏବିଭିପିର ଜୁନାଗଡ଼, ଧର୍ମଗଡ଼ ନଗର ସମ୍ମିଳନୀ

ଜୁନାଗଡ଼,୧।୧୧(ଡି.ଏନ.ଏ.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ପକ୍ଷରୁ ସୋମବାର ଜୁନାଗଡ଼ ଓ ଧର୍ମଗଡ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାସହ ୨ ନଗରର ନୂତନ ନଗରକାର୍ଯ୍ୟ କାରିଣୀ କମିଟି ମଧ୍ୟ ଘୋଷଣା ହୋଇଛି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌରଭ ମିଶ୍ର ଓ କଳାହାଣ୍ଡି ଜିଲା ସଂଯୋଜକ ତନ୍ମୟ ବିଶି ଅତିଥି ଭାବେ ଯୋଗଦେଇଥିଲେ। ଜୁନାଗଡ଼ କଲେଜ ଶାଖା ସଭାପତି ଶୋଭିତା କୈବର୍ତ୍ତ ଓ ଶାଖା ସମ୍ପାଦକ ତନିଶା ଦୀପ, ଚମେଲୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାପତି ସୁମିତ୍ରା ଭୋଇ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟ କାରିଣୀ କମିଟିରେ ଜୁନାଗଡ଼ର ନୂତନ ନଗର ସମ୍ପାଦକ ଭାବେ ସଞ୍ଜୀବ ମାଝି ଓ ଧର୍ମଗଡ଼ ନଗର ସମ୍ପାଦକ ଭାବେ ଦି. ଡିଳେଶ୍ୱର ହୋଇଥିଲେ। ଧର୍ମଗଡ଼ ନଗର ସହସମ୍ପାଦକ ଭାବେ ଅଭିମନ୍ୟୁ ଧଙ୍ଗ ଶବର, ଅଭିତା ଭୋଇ ଓ ପାଠ୍ୟ ଚକ୍ର ପ୍ରମୁଖ କୃଷ୍ଣା ବେହେରା, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ରୋଶନ ନାଏକଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏବିଭିପିର କାର୍ଯ୍ୟ ବିସ୍ତାର କରିବା ସହିତ ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ର ଭକ୍ତି ଓ ରାଷ୍ଟ୍ରୀୟ ପୁନଃ ନିର୍ମାଣରେ ଭାଗ ନେବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌରଭ ମିଶ୍ର ଆହ୍ୱାନ ଦେଇଥିଲେ।

# ଦୁର୍ନୀତି ମୁକ୍ତ ସଚେତନତା ସପ୍ତାହରେ ଶପଥ ପାଠ



ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

ନୂଆପଡ଼ା ଅଫିସ,୧।୧୧

ରାଜ୍ୟରେ ସୋମବାରଠାରୁ ଆରମ୍ଭ ହୋଇଛି ଭିଜିଲାନ୍ସ ସଚେତନତା ସପ୍ତାହ ଦିବସ। ଏହି କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଆଭାଷି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନିଜେ ରାଜ୍ୟବାସୀଙ୍କୁ ଦୁର୍ନୀତି ମୁକ୍ତହେବାର ଶପଥ ପାଠ କରାଇଛନ୍ତି। ଜିଲା ସଦର ମହକୁମାସ୍ଥିତ ଓସାନ ଭବନରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଭାଷି ମାଧ୍ୟମରେ ଶପଥ ପାଠ କରିଥିବା ବେଳେ ଜିଲାପାଳ ହେମାକାନ୍ତ ସାଏ କୋମନା ବ୍ଲକ କାର୍ଯ୍ୟାଳୟରେ ଆଭାଷି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶପଥ ଗ୍ରହଣ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲା ପ୍ରଶାସନ ଓ ଜିଲା ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ଶପଥ ପାଠ ଉତ୍ସବରେ ଉପଜିଲାପାଳ ରାମଚନ୍ଦ୍ର ଖାଡିଆ, ସଦର ତହସିଲଦାର ଦେବେନ୍ଦ୍ର ରାଉତ, ଅତିରିକ୍ତ ତହସିଲଦାର ଅଶେଷା ବାଗ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ବରିଷ୍ଠ ସହାୟକ ବିଭୁଦତ ମିଶ୍ର, ରାଜେଶ ବହିଦାର ଓ ଜିଲାର ସମସ୍ତ କର୍ମଚାରୀ ଶପଥ ଗ୍ରହଣ କରିଥିଲେ। ସେହିପରି ଜିଲା ଶିକ୍ଷା ବିଭାଗ ଦ୍ୱାରା ଜିଲାର ସମସ୍ତ ବିଦ୍ୟାଳୟରେ ଅଧିକାରୀ, ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଦୁର୍ନୀତି ମୁକ୍ତ ଶପଥ ଗ୍ରହଣ କରିଥିଲେ।

# ଜିଲା ମେହେର ସମାଜର କାର୍ଯ୍ୟକାରିଣୀ ବୈଠକ

ସିନାପାଲି,୧।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ମେହେର (ଭୁଲିଆ) ସମାଜର କାର୍ଯ୍ୟକାରିଣୀ ବୈଠକ ସଭାପତି ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଗଣ୍ଡାବାହାଲି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡମ୍ବରୁଧର ମେହେର, ଗୋକୁଳାନନ୍ଦ ମେହେର, ହରିହର ମେହେର, ସୁରେଶ୍ୱର ମେହେର, ରାସବିହାରୀ ମେହେର, ରତ୍ନାକର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନବୀନ ଚନ୍ଦ୍ର ମେହେର ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ନବ ମନୋନୀତ ଜିଲା କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇଥିଲା। ସମାଜର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ଆସନ୍ତାବର୍ଷ ଅନୁଷ୍ଠିତ ହେବାକୁ ଥିବା ମେହେର ସମାଜ ସଙ୍ଗଠନର ଶତବାର୍ଷିକୀ ଉତ୍ସବ ପାଳନ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଅଭିରାମ ମେହେର, ଟେଣୋ ମେହେର, ଲିଙ୍ଗରାଜ ମେହେର, ଟିକେଲାଲ ମେହେର, ରମେଶ ମେହେର, ଝର ମେହେର, କେଶିରାମ ମେହେର, ଉଦ୍ଧବ ମେହେର, ତ୍ରିଲୋଚନ ମେହେର, ରୂପେଶ ଚନ୍ଦ୍ର ମେହେର, ବୈଷ୍ଣବ ମେହେର, ଋଷଭ ମେହେର, ଗୋବର୍ଦ୍ଧନ ମେହେର, ଜଗଦୀଶ ମେହେର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୋଗେନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ବିନୋପୁରକୁ ଟାଇଟଲ

ବୋଡେନ,୧।୧୧(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଫରସରା ପଞ୍ଚାୟତ ପୁଟୁପଡା ବୃନ୍ଦାବନ ଖେଳ ପଡିଆରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବା ବେଳେ ବୋଡେନ ଓ ବିନୋପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଇବ୍ରେକର୍ ଜରିଆରେ ବିଜୟୀ ହୋଇ ବିନୋପୁର ଚାମ୍ପିୟନ୍ ହୋଇଛି। ସୁବାଷ ଯୋଷୀ ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ପାତ୍ର, ମନୋଜ ଖମାରୀ ଓ ମଣିଙ୍ଗ ଧରୁଆ ଧାରା ବିବରଣି ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉଦ୍‌ଯାପନୀ ଉତ୍ସବରେ ପରସରା ସରପଞ୍ଚ ସରିତା ନିଆଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଫରସରା ସମିତି ସଭ୍ୟା ବାଳିକା ମାଝି, ଗୌତମ ନିଆଲ, ବିଜୟ ଧରୁଆ, ଉଗ୍ରେସନ ମାଝି, ତ୍ରିନାଥ ଧରୁଆ, ଯୋଗୀନ୍ଦ୍ର ମାଝି, କେଶବ ତାଣ୍ଡି, ବାବୁଲାଲ ଧରୁଆ, ଯୁକ୍ତାନନ୍ଦ ଧରୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରିଚାଳନା କମିଟି ସଭାପତି ଶିଶୁପାଳ ଧରୁଆ, ଉପସଭାପତି ଦିଲୀପ ଧରୁଆ, ସମ୍ପାଦକ ମଣିଙ୍ଗ ଧରୁଆ, ସହ ସମ୍ପାଦକ ସୁରେନ୍ଦ୍ର ମାଝି ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# କର୍ଲାମୁଣ୍ଡା କପ୍ ଫୁଟ୍‌ବଲ: ଟିଟର୍ଲା ଚାମ୍ପିୟନ

କର୍ଲାମୁଣ୍ଡା,୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ୍ଥାନୀୟ ଚିନାଭାଡି ପଡିଆଠାରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା କର୍ଲାମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଟଣାଗଡ଼ (ନକଟାସର) ଓ କଳାହାଣ୍ଡି ଟିଟର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟିଟର୍ଲା ନିର୍ଦ୍ଧାରିତ ସମୟରେ ୨–୧ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ମ୍ୟାଚ ଲଳିତ ସାହୁ, ପିଣ୍ଟୁ ଚନ୍ଦନ, ଲଳିତ କୁମାର ଗୌଡ଼ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା ସଭାପତି ସାଗର ଚରଣ ଦାଶ, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଜିଲା ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ରିପୁ ଦମନ ସୌରଭ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ବଂଶୀଧର ସାମଲ, ବରିଷ୍ଠ ବିଜେଡି ନେତା ଜାକିର ହୁସେନ, ରିଞ୍ଚା ସରପଞ୍ଚ ପଞ୍ଚାନନ ବାଗ, ଆୟୋଜକ ଅନୁଷ୍ଠାନ ସଭାପତି ନନ୍ଦି କିଶୋର ଭୋଇ, ସମ୍ପାଦକ ଡୋଲାମଣୀ ଭୋଇ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିଟର୍ଲା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଓ ପଟଣାଗଡ଼ ଦଳକୁ ରନର୍ସଅପ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି। ମ୍ୟାନ ଅଫ ଦି ମ୍ୟାଚ ଭାବେ ଟିଟର୍ଲା ଦଳର ଏକ୍କା ବେମାଲ ଓ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଭାବେ ପପୁ ମାଝିଙ୍କୁ ସମ୍ମାନିତ କରାଯାଇଛି। ଟୁର୍ନାମେଣ୍ଟ ଶାନ୍ତିଶୃଙ୍ଖଳା ସହିତ ପରିଚାଳନା କରିଥିବାରୁ ଖେଳ ଶିକ୍ଷକ ଲଳିତ ସାହୁ, ଲଳିତ କୁମାର ଗୌଡ଼, ପିଣ୍ଟୁ ଚନ୍ଦନ, ରାଜକିଶୋର ରଣା, ବିନୋଦ ହେର୍ନା, ରାଜେଶ କୁମାର ଓ ଭୀଷ୍ମ ବାଗ, ଦୁର୍ଲ୍ଲଭ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ଅଭିମନ୍ୟୁ ନନ୍ଦ, ଭାରତ ଭୂଷଣ ଷଡଙ୍ଗୀ ଧାରାବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ନାମେଣ୍ଟ ମ୍ୟାନେଜର ଦୁର୍ଲ୍ଲଭ ମେହେର, ଉପସଭାପତି ମୁକେଶ କୁମାର ସାହୁ ଓ ନୀଳ ମାଧବ ଭୋଇ, ବିରେନ୍ଦ୍ର ସାହୁ, ବିରୁ ସାହୁ, ନମିତ ସୁନା, ମଣୀ ମେହେର, ସୌମ୍ୟ ବ୍ରତ ବର୍ଗତି, ସିଡୁ ସାହୁ, ଜିତ ସାହୁ, ଅଜିତ ସାହୁ, ଟୁନା ସାହୁ, ବବୁଲୁ ସାହୁ, ଅନୀଲ ସାହୁ, ତପନ ଛତ୍ରିଆ ସହଯୋଗ କରିଥିଲେ।



ଚାମ୍ପିୟନ ଟ୍ରଫି ସହ ଟିଟର୍ଲା ଦଳର ଖେଳାଳିମାନେ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ବରଗଡ଼ ଅଫିସ, ୧।୧୧

ବରଗଡ଼ ଜିଲା ଚକରକେନ୍ଦ ଡିଗ୍ରୀ କଲେଜ ଓ ନେହେରୁ ଯୁବକେନ୍ଦ୍ର ବରଗଡର ମିଳିତ ଆନୁକୂଲ୍ୟରେ ଚକରକେନ୍ଦ କଲେଜରେ ମଙ୍ଗଳବାର ଏକତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ଏକତା ଦିବସ ଓ ସ୍ୱଚ୍ଛ ଭାରତ ଅଭିଯାନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ୱାଧୀନ ଭାରତର ରାଜା ରାଜୁଡ଼ା ଶାସନକୁ ହଟାଇ ଏକ ବୃହତ୍ତମ ଗଣତନ୍ତ୍ର ପ୍ରତିଷ୍ଠା କିପରି କରିଥିଲେ, ତାହା ଉପରେ ମୁଖ୍ୟବକ୍ତା ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ନେହେରୁ ଯୁବକେନ୍ଦ୍ର ଉପଦେଷ୍ଟା କମିଟି ସଦସ୍ୟ ତ୍ରିଲୋଚନ ଶତପଥୀ, କଲେଜ ସମ୍ପାଦକ ରବି ଶଙ୍କର ପଧାନ ଓ ରାଜିବ ବାରିକ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ କାର୍ତ୍ତିକେୟ ସେଥୁଆ ସଭାପତିତ୍ୱ କରିଥିଲେ। ଶେଷରେ ଅତିଥି ଓ ଛାତ୍ରୀଛାତ୍ରମାନେ ଏକତା ଦୌଡରେ ଭାଗ ନେଇଥିଲେ। ସୁଶୀଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ

**ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ**

ସୋନପୁର,୧।୧୧(ନି. ପ୍ର)


ପରିଷଦର ଅଧ୍ୟକ୍ଷ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଦୁଇଦିନିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଛନ୍ତି। ମଙ୍ଗଳବାର ସୋନପୁର ସର୍କିଟ ହାଉସଠାରେ ପ୍ରସ୍ତାବିତ ଡବ୍ଲ୍ୟୁଓଡିସି ହ୍ୟାଣ୍ଡଲୁମ ମଲର ଯୋଜନା ଓ ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାର ବୁଣାକାରଙ୍କ ସହିତ ଆଲୋଚନା କରି ହସ୍ତତନ୍ତ ବସ୍ତ୍ରର ଚାହିଦା ଦୃଷ୍ଟିରୁ ନୂତନ ଡିଜାଇନରେ କାମ କରିବାକୁ ପରାମର୍ଶ ଦେଇଥିଲେ। ହ୍ୟାଣ୍ଡଲୁମ ବସ୍ତ୍ରର ବଜାରୀକରଣକୁ ଅଧିକ ସୁଦୂର ପ୍ରସାରି କରିବା ଉପରେ ତ୍ରିପାଠୀ ଗୁରୁତ୍ୱ ଦେଇଥିଲେ। ପରେ ରାମପୁରଠାରେ ପରିଷଦ ଦ୍ୱାରା ୫୫ ଲକ୍ଷ ଟଙ୍କାରେ ନିର୍ମାଣାଧିନ ବିଜୁ ଗ୍ରାମୀଣ ବଜାର୍ କାର୍ଯ୍ୟ ବୁଲି ଦେଖିଥିଲେ। ସମୟ ଅବଧି ଭିତରେ କାମ ସମାପ୍ତ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ପରେ ସ୍ଥାନୀୟ ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟଠାରେ, ଅଧାରୁ ପାଠ ଛାଡିଥିବା ବାଳିକାଙ୍କ ସହ ଭାବବିନିମୟ କରିବା ସହ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଗସ୍ତ ଅବସରରେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର, ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଓ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପରେ ବିନିକା ମାର୍କେଟ ୟାର୍ଡ଼ଠାରେ ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଏବଂ ଗଣିଆ ସମେତ ଅନ୍ୟାନ୍ୟ ଗ୍ରାମର ଚାଷୀଙ୍କ ସହିତ ମାଛ ଚାଷ ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧରେ ପଚାରି ବୁଝିଥିଲେ। ଅଧ୍ୟକ୍ଷ ତ୍ରିପାଠୀ ଚାଷୀ ମାନଙ୍କ ସହିତ ସମନ୍ୱିତ ଚାଷ, ଧାନ ବଜାର ଓ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଏହି ଅବସରରେ ଚାଷୀମାନଙ୍କୁ କେବଳ ଧାନ ଚାଷ ନକରି ଅନ୍ୟାନ୍ୟ ଅଣଧାନ, ଅଧିକ ଲାଭକାରୀ ଚାଷ କରିବା ଉପରେ ପରାମର୍ଶ ଦେଇଥିଲେ, ଯାହା ଦ୍ୱାରା ଜିଲାର ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ।

ସନ୍ଧ୍ୟାରେ ତ୍ରିପାଠୀ ସୋନପୁରଠାରେ ଥିବା ମିଶନ ଶକ୍ତି ଦ୍ୱାରା ପରିଚାଳିତ ସୁବର୍ଣ୍ଣା ଶ୍ରୀ ଓ ଫରେଷ୍ଟ ପାର୍କ ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ପରିଷଦ ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ତ୍ରିପାଠୀ ଜିଲାର ହସ୍ତତନ୍ତ, କୃଷି, ଶିଳ୍ପ, ମତ୍ସ୍ୟ, ଉଦ୍ୟାନ, ଓରମାସ ଅଧିକାରୀ ମାନଙ୍କ ସହିତ ଅଲୋଚନା କରି ଜିଲାର ଏକ କାର୍ଯ୍ୟ ଖସଡା କରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ସମୟୋଚିତ ଭାବରେ ପରିଷଦ ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡିକୁ ସମାପ୍ତ କରି କାର୍ଯ୍ୟ ସମାପ୍ତ ଏବଂ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶବ୍ଦନୃତ୍ୟ ପ୍ରସାରରେ ଭଗବାନ ସାହୁଙ୍କ ଅବଦାନ ଅତୁଳନୀୟ


ରାଜ୍ୟସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଆୟୋଜକ, ଅତିଥିବୃନ୍ଦ।

**ରାଜ୍ୟସ୍ତରୀୟ ସମ୍ମିଳନୀରେ ମତ ପ୍ରକାଶ**

ବରଗଡ଼ ଅଫିସ, ୧।୧୧

ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶା ନାଟ୍ୟ ଜଗତର ଥିଲେ ପିତାମହ। ପଶ୍ଚିମ ଓଡ଼ିଶାର ଲୋକକଳା, ସାହିତ୍ୟ, ସଙ୍ଗୀତ, ଲୋକ ନୃତ୍ୟ ବିଶେଷ କରି ଶବ୍ଦନୃତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବରଗଡ଼ ସୌଖିନ ରଙ୍ଗମଞ୍ଚ ପରିସରରେ ମଙ୍ଗଳବାର ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଯୋଗଦାନ କରି ବକ୍ତାଗଣ ମତପ୍ରକାଶ କରିଛନ୍ତି। ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ସ୍ମୃତି କମିଟି ବରଗଡ଼ ଆନୁକୂଲ୍ୟରେ କମିଟି ସଭାପତି ଡକ୍ଟର ତପସ୍ୱିନୀ ଗୁରୁଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ପ୍ରଦୀପ ଦେବତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ନାଟ୍ୟକାର ଅଶୋକ ବହିଦାର ସାଙ୍ଗଠନିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ଡକ୍ଟର ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ଗବେଷକ ଡକ୍ଟର ଦ୍ୱାରିକାନାଥ ନାୟକ, ଡକ୍ଟର ଟେକଚାନ୍ଦ ଦୁଆନ, ଅଧ୍ୟାପକ ମୋହନ ସାହୁ, ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ହୋତା, ଭବାନୀଶ ଭୋଇ, ଉପେନ୍ଦ୍ର ଭୋଇ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, କବି ନୀତିଶ ଆଚାର୍ଯ୍ୟ, ସୁକୁମାର ଭୋଇ ପ୍ରମୁଖ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ଶବ୍ଦନୃତ୍ୟ ପ୍ରତି ଥିବା ଅବଦାନ ଉପରେ କହିଥିଲେ। ଏହି ଅବସରରେ ଅତାବିରା, ଭେଡେନ, ସୋହେଲା, ବରପାଲି, ପାଇକମାଳ, ବିଜେପୁର, ଭଟଲି, ବାମଣ୍ଡା, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବ୍ରଜରାଜନଗର ପ୍ରଭୃତି ବିଭିନ୍ନ ବ୍ଲକ ଓ ଜିଲ୍ଲାର ପ୍ରତିନିଧିମାନେ ରାଜ୍ୟ ସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଶବ୍ଦନୃତ୍ୟ ଗୁରୁ ଭୁବନ ଭୋଇ, ଗଦାଧର ବରିହା, ଦଧିବାମନ ଶତପଥୀ ପାରମ୍ପରିକ ସଙ୍ଗୀତ ଓ ଶବ୍ଦନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସନ୍ଦୀପ ମହାପାତ୍ରଙ୍କ ସଂଯୋଜନାରେ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆବାହକ ରବୀନ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଶ୍ରୀରାମ ମହାବିଦ୍ୟାଳୟରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ, ଅର୍ଥମନ୍ତ୍ରୀ

ଡୁଙ୍ଗୁରିପାଲି, ୧।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟକୁ ମଙ୍ଗଳବାର ରାଜ୍ୟ ଅର୍ଥ ଓ ସାଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ଅଧ୍ୟକ୍ଷ ଅସୀତ ତ୍ରିପାଠୀ ପରିଦର୍ଶନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଉଭୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ସମ୍ମାନୀତ ଅତିଥିଭାବେ ଜିଲାପାଳ ଆବୋଲୀ ସୁନିଲ ନରୱାଣେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦ, ଜିଲା ପରିଷଦ ସଭ୍ୟ ଗଣେଶଚନ୍ଦ୍ର ଭୋଇ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀ ଜୀବନରେ ଶିକ୍ଷାର ମହତ୍ୱ ବିଷୟରେ କହିଥିଲେ। ପରିଚାଳନା କମିଟି ସଭାପତି ରମେଶଚନ୍ଦ୍ର ପୂଜାରୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀ ପୂଜାରୀ ଓ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ହୋତା ଅତିଥି ପରିଚୟ ପ୍ରଦାନ ଏବଂ ଡ଼ ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର, ଡ଼. ଗୁଣନିଧି ବାରିକ, ମିନକେତନ ପାତ୍ର, ଟିକେଚାନ୍ଦ ବାଗ, ଦେବେନ୍ଦ୍ର ଭୁଏ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ପରିଦର୍ଶନ ସମୟରେ ମନ୍ତ୍ରୀ ପୂଜାରି ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ଦେଖି ଖୁସିବ୍ୟକ୍ତ କରିଥିଲେ ।


ଶ୍ରୀରାମ ମହାବିଦ୍ୟାଳୟରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ।

## ଦୁର୍ବୃତ୍ତଙ୍କ ଉନ୍ମତ୍ତକାଣ୍ଡ, ସୁରକ୍ଷା ଦାବିରେ ରାସ୍ତାରୋକୋ


ଲୋକେ ବରଗଡ-ଭେଡେନ ରାସ୍ତା ଅବରୋଧ କରିଛନ୍ତି।

ବରଗଡ଼ ଅଫିସ, ୧।୧୧

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତୋରା ଆନନ୍ଦ ବଜାରରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ସେଠାରେ ଥିବା ଷ୍ଟେଟବ୍ୟାଙ୍କର ଏଟିଏମ୍‌କୁ ଭଙ୍ଗାରୁଜା କରିଥିବାବେଳେ ଅନେକ ଦୋକାନ ଭାଙ୍ଗି ଦେଇଛନ୍ତି। ଏପରିକି ସେମାନେ ଦୋକାନରେ ନିଆଁ ଲଗାଇବା ସହିତ ଫାଙ୍କା ଗୁଳି ଚାଳନା କରିଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମଙ୍ଗଳବାର ସକାଳୁ ଦୋକାନ, ବଜାର ଖୋଲି ନ ଥିବାବେଳେ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ତଥା ପୋଲିସ ପାଟ୍ରୋଲିଂ କଡାକଡି କରିବା ପାଇଁ ଦାବି ହୋଇଥିଲା। ଏହି ଦାବି ନେଇ ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ତୋରା ଛକରେ ବରଗଡ଼-ଭେଡେନ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ଟାଉନ ଥାନା ପୋଲିସ ସେଠାକୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ରାସ୍ତା ଉପରୁ ଲୋକେ ଉଠିଥିଲେ ଏବଂ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ଅଢେଇଟା ସମୟରେ ଏକ କାର୍ ଯୋଗେ ୮ରୁ ୧୦ଜଣ ଦୁର୍ବୃତ୍ତ ଆନନ୍ଦ ବଜାରକୁ ଆସି ଭଙ୍ଗାରୁଜା କରି ଆତଙ୍କ ସୃଷ୍ଟି କରିଥିଲେ। ଖବର ପାଇ ଦୋକାନୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ସେଠାରୁ ଅଭିଯୁକ୍ତମାନେ ଖସି ପଳାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିବାବେଳେ ମଙ୍ଗଳବାର ବରଗଡ଼ ଟାଉନଥାନାକୁଆସିଅଭିଯୋଗକରିଥିଲେ।

## ଦୁର୍ନୀତିମୁକ୍ତ ଭାରତ ଗଠନ ସଂକଳ୍ପ

ବରଗଡ଼ ଅଫିସ, ୧।୧୧

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ବରଗଡ଼ ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଦୁର୍ନୀତିମୁକ୍ତ ଦେଶ ଗଠନ ପାଇଁ ସଂକଳ୍ପ ନେଇଛନ୍ତି। ଜିଲା ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁସାରେ ଛାତ୍ରୀଛାତ୍ରମାନେ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନିଜକୁ ଓ ଦେଶକୁ ଦୁର୍ନୀତିମୁକ୍ତ ରଖିବା ପାଇଁ ସାମୂହିକ ଶପଥ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁନିତା ମିଶ୍ର, ଗୀତା ଜାଲ, ଜ୍ୟୋତ୍ସ୍ନା ତ୍ରିପାଠୀ, ତପସ୍ୱିନୀ ତ୍ରିପାଠୀ, ବବିତା ନାଏକ, ନିଳିମା ପ୍ରଧାନ, ଡାକ୍ତର ଭୋଇ, ସୁଧାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ଦୁର୍ନୀତିମୁକ୍ତ ଦେଶ ଗଠନ ପାଇଁ ଛାତ୍ରୀଛାତ୍ର ସଂକଳ୍ପ ନେଉଛନ୍ତି।

## ଦୁର୍ନୀତି ନିବାରଣ ସପ୍ତାହରେ ପ୍ରତିଯୋଗିତା

ବରଗଡ଼ ଅଫିସ,୧।୧୧

ବରଗଡ଼ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସର ବିଦ୍ୟାଳୟସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜର୍ଜ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ଃ ଡୋଲାମଣି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଘରୋଇ ଓ ସରକାରୀ ସ୍କୁଲର ୧୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଶ୍ରେୟାଂଶୀ ମହାପାତ୍ର ପ୍ରଥମ, ସ୍ନେହମୟୀ ପଣ୍ଡା ଦ୍ୱିତୀୟ, ଲିପିକା ବାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବିଭାଗରେ ପ୍ରତୀକ୍ଷା ଦାଶ ପ୍ରଥମ, ଅନୁଷ୍କା ସ୍ମୃତି ଦ୍ୱିତୀୟ, ପ୍ରୀତମ ସାହୁ ତୃତୀୟ, କୁଇଜ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ସ୍ୱସ୍ତିକ ପ୍ରଧାନ ପ୍ରଥମ, ଅଙ୍କିତ ସାହୁ ଦ୍ୱିତୀୟ, ନିକି ଖମାରି ଓ ସ୍ୱସ୍ତିକ କୁମାର ଦାସ ଯୁଗ୍ମଭାବେ ତୃତୀୟ, କନିଷ୍ଠ ବିଭାଗରେ ଅନ୍ୱେଷା ପ୍ରିୟଦର୍ଶିନୀ କାଲୋ ପ୍ରଥମ, ସ୍ଥିତପ୍ରଜ୍ଞା ପ୍ରଧାନ ଦ୍ୱିତୀୟ, ଶୁଭମ ବାରିକ ଓ ବଦ୍ରିନାଥ ବାଗ ଯୁଗ୍ମ ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ସାଇ ନନ୍ଦନ ସାହୁ ପ୍ରଥମ, ସିଦ୍ଧି ପ୍ରସାଦ ଦ୍ୱିତୀୟ, ଅଦ୍ୱେତା ଅଂଶୁମିତା ସାହୁ ତୃତୀୟ, ବରିଷ୍ଠ ବିଭାଗରେ ମୋନାଲିସା ମିଶ୍ର ପ୍ରଥମ, ଲିନୁ ସାହୁ ଦ୍ୱିତୀୟ, ଆଶୀର୍ବାଦ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲା ଦୁର୍ନୀତି ନିବାରଣ ବିଭାଗ ତରଫରୁ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଲକ୍ଷ୍ମୀ ଚରଣ ଛତ୍ରିଆ, ରଶ୍ମି ରଞ୍ଜନ ସାହୁ, ସଦାନନ୍ଦ ଜାଲ ପ୍ରମୁଖ ସହଯୋଗ କରିଥିଲେ। ସୁପ୍ରଭା ସାମଲ, ରୋଜାଲିନ ମିଶ୍ର, ଡ଼ଃ ଡୋଲାମଣି ସାହୁ, ମନୋଜ ଜେନା, ଆଶୁତୋଷ ଛତର, ଗୋପବନ୍ଧୁ ପୁରୋହିତ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ ।



ଶିକ୍ଷକଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରବୃନ୍ଦ।

## ପରିବେଶ ପାର୍କ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

**ପଶ୍ଚିମ ଓଡ଼ିଶାର ନନ୍ଦନକାନନ ଭାବେ ମାନ୍ୟତା ଲାଭ କରିବ ବୌଦ୍ଧର ପରିବେଶ ପାର୍କ**

ବୌଦ୍ଧ,୧।୧୧(ସ୍ୱ.ପ୍ର.)


ସମୀକ୍ଷା ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଓ ଅନ୍ୟ ଅଧିକାରୀମାନେ।

ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅଜିତ କୁମାର ମିଶ୍ର ଏବଂ ବୈଷୟିକ ପରାମର୍ଶଦାତା ସୁନିଲ କୁମାର ନାୟକ ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ବୀରନରସିଂହପୁର ଠାରେ ହେବାକୁ ଥିବା ନନ୍ଦନବନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ।

ଏହି ଅବସରରେ ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁରସ୍ଥିତ ଯାଯାବରଠାରେ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅକ୍ଟୋବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଡବ୍ଲୁଓଡିସି ଇକୋ ପାର୍କ ପାଇଁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସଂପର୍କରେ ପରିଷଦର ଅଧ୍ୟକ୍ଷ ତ୍ରିପାଠୀ ଓ ଅନ୍ୟ ଅଧିକାରୀମାନେ ସମୀକ୍ଷା କରିଥିଲେ। ମିଳିଥିବା ସୂଚନା ମୁତାବକ ୧୮ କୋଟିର ପ୍ରସ୍ତାବିତ ଏଡି ପ୍ରକଳ୍ପ ପାଇଁ ୪ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିବା ବେଳେ ବର୍ତ୍ତମାନ ୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ପରବର୍ତ୍ତୀ ସମୟରେ ଆଉ ୨ କୋଟି ଟଙ୍କା ପ୍ରଦାନ କରାଯିବ। ଏହାର ଦାୟିତ୍ୱ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରକଳ୍ପର କାର୍ଯ୍ୟ ଜିଲା ବନଖଣ୍ଡ ଅଧିକାରୀ, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ସ୍ଥାନୀୟ ଜନପ୍ରତିନିଧି,ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ଆଗାମୀ ଦିନରେ ଏହା ଏକ ସୁନ୍ଦର ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଯାଉଛି। ଏହି ପରିବେଶ ପାର୍କରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାବ୍ୟତୀତ ବନ୍ୟଜନ୍ତୁମାନଙ୍କ ଉଦ୍ଧାର ତଥା ସଂରକ୍ଷଣ କେନ୍ଦ୍ର, ପକ୍ଷୀ ପାର୍କ, ନୂଆପଡା କ୍ଷୁଦ୍ର ଜଳସେଚନ ଡ୍ୟାମରେ ନୌକା ବିହାର, ସଫାରୀ, କାଫେଟୋରିଆ, ବଟର ଫ୍ଲାଏ ଉଦ୍ୟାନ, ଜଙ୍ଗଲ ମଧ୍ୟରେ ପ୍ରାକୃତିକ ଶୋଭାରାଜି ଉପଭୋଗ ପାଇଁ ଚଲାପଥ ସୃଷ୍ଟି, ହାଇକିଂ ଟ୍ରାକ୍, ଫୁଡକୋର୍ଟ, ଶିଶୁ ଉଦ୍ୟାନ ଆଦି ସୃଷ୍ଟି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ଡିସେମ୍ବର ୩୧ତାରିଖ ମଧ୍ୟରେ ୧୫ଜଣ ସ୍ଥାନୀୟ ପୁଅଝିଅଙ୍କୁ ଟୁରିଷ୍ଟ ଗାଇଡ୍ ଭାବରେ ପ୍ରଶିକ୍ଷିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯାଯାବରଠାରେ ଆସନ୍ତା ୧୦ ତାରିଖ ମଧ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କାଫେ, ଓମଫେଡ ଓ ବୁଣାକାର ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲାଯାଇ ବିଭିନ୍ନ ସମାଗ୍ରୀର ପ୍ରଦର୍ଶନ ଏବଂ ବିକ୍ରୟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ଜନକଲ୍ୟାଣ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମା' ଗୀତାଞ୍ଜଳୀ ସ୍ୱୟଂ ସହାୟକ ଗୋଷ୍ଠୀ ଖଜୁରିପଡାର ମହିଳାମାନଙ୍କ ସହିତ ଅଧ୍ୟକ୍ଷ ଓ ଅଧିକାରୀମାନଙ୍କ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ତ୍ରିପାଠୀ ସ୍ଥାନୀୟ ଖାଦ୍ୟର ସ୍ୱାତନ୍ତ୍ରତା ବଜାୟ ରଖି ପରିବେଶ ପାର୍କକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ତ୍ରିପାଠୀ ଓ ଅନ୍ୟ ଅତିଥିମାନେ ଯାଯାବର ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ବୈଠକରେ ଜିଲାପାଳ ସାହୁ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପନିର୍ଦ୍ଦେଶକ ଡିପିଏମ୍ୟୁ ଇ.ସୋରେଙ୍ଗ, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କହଁର, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପାତ୍ର ଓ ସମ୍ବିତ କୁମାର ବିଶ୍ୱାଳ,କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାଏକ, ଉପାଧ୍ୟକ୍ଷ ହରଭଙ୍ଗା ବ୍ଲକ ସରୋଜ କୁମାର ପ୍ରଧାନ, ରାଧାନଗର ସରପଞ୍ଚ ଗଣେଶ ବେହେରା ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

